ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 22 | 02 - 08 June 2024 | Sambalpur | Pages- 8 | Invitation Price Rs.10

## ସମ୍ବଲପୁରରେ ମତଦାନ କମିବା ଚିନ୍ତାର କାରଣ ହୋଇଛି

ସମ୍ବଲପୁର : ଚଳିତ ବର୍ଷ ନୂଆ ଚରିତ୍ରର ଲୋକସଭା ନିର୍ବାଚନ ଦେଖିଲା ସମ୍ବଲପୁର ଯାହା ସମ୍ଭବତଃ ରାଜ୍ୟର ବ୍ୟୟବହୁଳ ନିର୍ବାଚନ ମଧ୍ୟରୁ ଅନ୍ୟତମ ଅଟେ । ପୂର୍ବରୁ ଏଠାରେ ସମାଜବାଦୀ ଜନନାୟକ କିଶନ ପଟ୍ଟନାୟକ, ଡକ୍ଟର ଶ୍ରଦ୍ଧାକର ସୂପକାର, ବନମାଳୀ ବାବୁ, ଗଣନାଥ ପ୍ରଧାନଙ୍କ ଭଳି ନେତା ଏହି ଲୋକସଭା କ୍ଷେତ୍ରର ସାଂସଦ ଥିଲେ । କୃପାସିନ୍ଧୁ ଭୋଇଙ୍କ ପରେ ଜଣେ କେନ୍ଦ୍ରମନ୍ତ୍ରୀ ଭାବରେ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରୁ ପ୍ରାର୍ଥୀ ଥିଲେ । ବିଜେପିର ଶୀର୍ଷସ୍ତରୀୟ ନେତା ତଥା କେନ୍ଦ୍ର ସରକାରଙ୍କ କ୍ଷମତାଶାଳୀ ମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ମୁକାବିଲା କରୁଥିଲେ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ଏଥିପାଇଁ ସମ୍ବଲପୁର ସାରା ଦେଶରେ ଫୋକସ୍‌ରେ ଥିଲା । ସାରା ସମ୍ବଲପୁର ରାଜ୍ୟ ତଥା ଦେଶର ଅନ୍ୟତମ ରାଜନୀତିର ହଟ୍‌ସ୍ପଟ ଭାବେ ପରିଣତ ହୋଇଥିଲା । ଏହି ଦୃଷ୍ଟିରୁ ଏଠାରେ ମତଦାନ ହାର ବିଗତ ସବୁ ବର୍ଷର ରେକର୍ଡ ଭାଙ୍ଗିବ ବୋଲି ଆଶା କରାଯାଉଥିଲା । ହେଲେ ସମଗ୍ର ଲୋକସଭା ଆସନ ମଧ୍ୟରୁ ସମ୍ବଲପୁରର ନୈରାଶ୍ୟଜନକ ମତଦାନ ହାର ଏବେ ଚର୍ଚ୍ଚାର ପରିସରରେ ରହିଛି । ଗତ ନିର୍ବାଚନ ଠାରୁ ଏଥର ମତଦାନ ସାମାନ୍ୟ ଅଧିକ ଥିଲା । ଅର୍ଥାତ୍ ୨୦୧୯ ମସିହାରେ ସମ୍ବଲପୁର ଲୋକସଭା ଆସନରେ ୭୬.୫୭% ମତଦାନ ହୋଇଥିବା ବେଳେ ଏଥର ୭୬.୬୩% ହୋଇଛି । ଚଳିତ ବର୍ଷ ସମ୍ବଲପୁର ଲୋକସଭା ଲଢ଼େଇକୁ ନେଇ ଯେତେ ଚର୍ଚ୍ଚା ହୋଇଛି ପୂର୍ବରୁ ହୋଇ ନାହିଁ । ଉଭୟଦଳର ପ୍ରାର୍ଥୀ ସମ୍ବଲପୁରକୁ



ନିଜ ପ୍ରଚାରର କେନ୍ଦ୍ରସ୍ଥଳ କରିଥିଲେ । କିନ୍ତୁ ସମ୍ବଲପୁରରେ ହିଁ ସର୍ବନିମ୍ନ ମତଦାନ ହୋଇଛି ।

ଭାରତୀୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ମତଦାନ ସକାଶେ ସଚେତନ କରିବାସହ ସମସ୍ତ ମତଦାନ କେନ୍ଦ୍ର ଗୁଡ଼ିକରେ ମୌଳିକ ସୁବିଧା ପ୍ରଦାନ କରାଯାଉଛି । ନିର୍ବାଚନ ଘୋଷଣା ପରେ ସଚେତନତା ରଥ ତଥା ଗଣମାଧ୍ୟମ ଜରିଆରେ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଭୋଟରଙ୍କୁ ପ୍ରୋତ୍ସାହିତ କରାଯାଇଥିଲା । ଭୋଟରଙ୍କୁ ମତଦାନ କେନ୍ଦ୍ରକୁ ଆଣିବାକୁ ନିର୍ବାଚନ ଆୟୋଗର ଶତଚେଷ୍ଟା ସତ୍ତ୍ୱେ ସହରାଞ୍ଚଳର ଶିକ୍ଷିତ ଓ ବିଜ୍ଞ ଭୋଟର ମତାଧିକାର ସାବ୍ୟସ୍ତ କରି ନ ଥିଲେ । ଏହି ଦିନଟିକୁ ଛୁଟିଦିନ ଭାବେ ବାହାରକୁ ବୁଲିବାକୁ ଯାଉଛନ୍ତି କିମ୍ବା ଘରେ ବିଶ୍ରାମ ନେଉଛନ୍ତି । ବସ୍ତିଗୁଡ଼ିକରେ ରହୁଥିବା ଗରିବ, ଖଟିଖିଆ, ଦିନମଜୁରିଆ ଭୋଟର୍ କିନ୍ତୁ ମତଦାନ କରୁଛନ୍ତି । ରାଜନୈତିକ ଦଳ ଗୁଡ଼ିକ ସେମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଥିବା ଭିନ୍ନ ପ୍ରସଙ୍ଗ । ତେବେ ସଚେତନ ସହରୀ ଓ ଶିକ୍ଷିତ ଭୋଟରମାନେ ମତଦାନ କରୁ ନ ଥିବାରୁ ପ୍ରାୟ ପ୍ରତି ନିର୍ବାଚନରେ ସମ୍ବଲପୁର ବିଧାନସଭା କ୍ଷେତ୍ରର ମତଦାନ ହାର କମ୍ ରହୁଛି । ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ୭ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ସମ୍ବଲପୁରରେ ଭୋଟହାର ସର୍ବନିମ୍ନ ୬୩.୬୯% ରହିଛି ।

୨୦୧୯ ନିର୍ବାଚନରେ ସମ୍ବଲପୁର ବିଧାନସଭା କ୍ଷେତ୍ରର ଭୋଟ୍‌ର ୬୧.୩୫% ଥିବା ବେଳେ ୨୦୧୪ରେ ୬୫.୪୫% ଏବଂ ୨୦୦୯ରେ ୪୫.୫୧% ରହିଥିଲା ।

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ପ୍ରମୁଖ ସହର ସମ୍ବଲପୁର । ଏହି ବିଧାନସଭା କ୍ଷେତ୍ର ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସହରାଞ୍ଚଳକୁ ନେଇ ଗଠିତ । ଏଠାରେ ସଭା, ସମାବେଶ ତଥା ଷ୍ଟାର ପ୍ରଚାରକଙ୍କ ଭିଡ଼ ଜମିବା ସହ ଲୋକେ ରାଜନୈତିକ ଦୃଷ୍ଟିକୋଣରୁ ସକ୍ରିୟ । ପୁଣି ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭା କ୍ଷେତ୍ରରୁ ଦୁଇ ହେଭିଓ୍ୱେଟ୍‌ରଙ୍କ ମଧ୍ୟରେ ଲଢ଼େଇ ହେଉଛି । ଏପରିସ୍ଥଳେ ସମ୍ବଲପୁର ଭୋଟର ହ୍ରାସ ପାଇବାକୁ ନେଇ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ମତଦାନ ହାର ୮୦ ପ୍ରତିଶତକୁ ଛୁଇଁଲାଣି । ଏହା ଗଣତନ୍ତ୍ର ପାଇଁ ସକାରାତ୍ମକ ସୂଚନା ହୋଇଥିବା ବେଳେ ସହରୀ ଭୋଟର୍ ମତଦାନରୁ ବିମୁଖ ହେବା ନିର୍ବାଚନ ଆୟୋଗ ତଥା ଜିଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ସମ୍ବଲପୁର ମହାନଗର ନିଗମର ନିର୍ବାଚନ କେବେ ?

ସମ୍ବଲପୁର : ସମ୍ବଲପୁରରେ ଚାଲିଛି ଅଫିସ୍‌ରାଜ୍ । ରାଜ୍ୟ ସରକାର ସମ୍ବଲପୁରକୁ ମହାନଗର ନିଗମ ଘୋଷଣା କରିବା ପରଠାରୁ ଚାଲି ଆସିଛି ଅଫିସରଙ୍କ ରାଜୁତି । ସମ୍ବଲପୁର ମହାନଗର ନିଗମ ନିର୍ବାଚନ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଥିବା ବେଳେ ଏଥିରେ ହସ୍ତକ୍ଷେପ ପାଇଁ ବୁର୍ଲାର ଦୁଇଜଣ ନାଗରିକ ଆବେଦନ କରିଛନ୍ତି ।

ରାଜ୍ୟ ସରକାର ଗତ ସେପ୍ଟେମ୍ବର ୨୦୧୩ରେ ସମ୍ବଲପୁରକୁ ମହାନଗର ନିଗମରେ ପରିଣତ କରିବା ପାଇଁ ଘୋଷଣା କରିଥିଲେ । କର୍ପୋରେସନ୍ ଘୋଷଣା ବେଳେ ସବୁ ପ୍ରକ୍ରିୟା ଶେଷ ହେବାକୁ ଡିସେମ୍ବର । ଜାନୁଆରି ୨୦୧୪ ଲାଗିଯିବ ବୋଲି ସେତେବେଳେ କୁହାଯାଇଥିଲା । ସମ୍ବଲପୁର ପୌର ପରିଷଦ, ବୁର୍ଲା ଓ ହୀରାକୁଦ ବିଜ୍ଞାପିତ ଅଂଚଳ ପରିଷଦ ସମେତ ୧୨ଟି ପଞ୍ଚାୟତର ନେଇ ଗଠିତ ସମ୍ବଲପୁର ମହାନଗର ନିଗମରେ ୪୧ଟି ୱାର୍ଡ ରହିଛି । ମହାନଗର ନିଗମ ନିର୍ବାଚନ ପରିପ୍ରେକ୍ଷୀରେ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ଉପରେ ଗତ ୨୩ ଫେବ୍ରୁଆରି ୨୦୧୫ରେ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା । ୪୧ଟି ୱାର୍ଡ ମଧ୍ୟରୁ ୭ଟି ୱାର୍ଡକୁ ଅଣସଂରକ୍ଷିତ, ଅନ୍ୟ ୭ଟି ୱାର୍ଡ ମହିଳା, ୪ଟି ୱାର୍ଡ ଅନୁସୂଚିତ ଜାତି, ୫ଟି ୱାର୍ଡ ଅନୁସୂଚିତ ଜାତିର ମହିଳା, ୩ଟି ୱାର୍ଡ ଅନୁସୂଚିତ ଜନଜାତି, ୩ଟି ୱାର୍ଡ ଅନୁସୂଚିତ ଜନଜାତିର ମହିଳା, ୬ଟି ୱାର୍ଡ ପଛୁଆବର୍ଗ ଓ ବାକି ୬ଟି ୱାର୍ଡ ପଛୁଆବର୍ଗର ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଥିଲା । ମେୟର ପଦ ପଛୁଆବର୍ଗର ଓ ବାକି ୬ ଟି ୱାର୍ଡ ପଛୁଆବର୍ଗର ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଥିଲା । ମେୟର ପଦ ପଛୁଆ ବର୍ଗର ଲୋକଙ୍କ ପାଇଁ ସଂରକ୍ଷିତ ରହିଥିଲା । ଆଗରୁ ବୁର୍ଲା ଏନ୍ଏସି ଅନ୍ତର୍ଗତ ସମଗ୍ର ଅଂଚଳକୁ ୫ଟି ୱାର୍ଡରେ ବିଭକ୍ତ କରାଯାଇଛି । ଏଥିରେ ୨ଟି ଏସ୍‌ସି, ଗୋଟିଏ ଏସ୍‌ସି ମହିଳା, ଗୋଟିଏ ସାଧାରଣ ବର୍ଗର ମହିଳା ଓ ଗୋଟିଏ ପଛୁଆବର୍ଗର ପ୍ରାର୍ଥୀଙ୍କ ନିମନ୍ତେ ୱାର୍ଡ ସଂରକ୍ଷଣ କରାଯାଇଛି । ମତଦାତାଙ୍କ ଅନୁପାତ ଅନୁଯାୟୀ ବୁର୍ଲାର ୱାର୍ଡ ସଂରକ୍ଷଣ ହୋଇ ନ ଥିବା ଦର୍ଶାଇ ବୁର୍ଲାସ୍ଥିତ କେନ୍ଦ୍ରୀୟ ଜଳ ସଂପଦ କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ଅଜୟ ମହାନ୍ତି ଓଡ଼ିଶା ହାଇକୋର୍ଟରେ ଡବ୍ଲୁପିସି ୪୨୮୦/୨୦୧୫ରେ ଦାଖଲ କରିଥିଲେ । ଗତ ୨ ଅପ୍ରେଲ ୨୦୧୫ ମାନ୍ୟବର ବିଚାରପତି ବିଶ୍ୱନାଥ ରଥ ଏହି ପିଟିସନ ଉପରେ ବିଚାର କରି ଅନ୍ୟାଦେଶ ପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟା ସ୍ଥଗିତ ରଖିବାକୁ ଆଦେଶ ଦେଇଥିଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ମାମଲା ଉପରେ ପୁଣି ଶୁଣାଣି ହୋଇଛି । ତେବେ, ମାମଲାର ବିଚାର ପାଇଁ ରାଜ୍ୟ ସରକାର ଯେମିତି ପଦକ୍ଷେପ ନେବା କଥା, ସେଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ବୁର୍ଲା କଷ୍ଟ୍ରାକ୍ଟର କଲୋନି ନିବାସୀ ମନୋରଂଜନ ବେହେରା ଓ ଅଂଶୁଭୂଷଣ ବେହେରା ନିଜ ଆଡୁ ହସ୍ତକ୍ଷେପ କରିବା (ଇଣ୍ଟରଭେନର୍ ହେବା) ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି । ଏମାନଙ୍କ ବ୍ୟତୀତ ଆଇନଜୀବୀ ଅରୁଣ କୁମାର ଓ ପ୍ରକାଶ ଶତପଥୀ ମଧ ଇଣ୍ଟରଭେନର୍ ହେବା ନିମନ୍ତେ ହାଇକୋର୍ଟରେ ଆବେଦନ କରିଛନ୍ତି । ଏହା ଏବେ ବିଚାରାଧୀନ ରହିଛି । ଏହି ମାମଲାର ଆଗାମୀ ଶୁଣାଣି ସମୟରେ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି କହାଯାଉଛି ।

ଗତ ୨୦୧୧ ଜନଗଣନା ଅନୁଯାୟୀ ସମ୍ବଲପୁର ମହାନଗର ନିଗମର ଜନସଂଖ୍ୟା ୩ ଲକ୍ଷ ୩୫ ହଜାର ୭୬୧ ରହିଥିବା ବେଳେ ୭୮ ହଜାର ୩୦୩ଟି ଘର ରହିଥିଲା । ବର୍ତ୍ତମାନର ସ୍ଥିତି ଏହାର ପ୍ରାୟ ଦୁଇଗୁଣା ହେବ । ଜନସାଧାରଣଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇବା ପାଇଁ ମହାନଗର ନିଗମକୁ ୪୧ଟି ୱାର୍ଡ ମଧ୍ୟରେ ବିଭକ୍ତ କରାଯାଇଛି ।

ମହାନଗର ନିଗମର ଅନେକ ସମସ୍ୟା ରହିଥିଲେ ମଧ ମୁଖ୍ୟ ସମସ୍ୟା ହେଲା ଏହାର ନାଳ, ନର୍ଦ୍ଦମା, ରାସ୍ତା ଓ ସ୍ୱଚ୍ଛତା । ବର୍ତ୍ତମାନ ସୁଦ୍ଧା ମହାନଗର ନିଗମ ନିର୍ବାଚନ ଅନୁଷ୍ଠିତ ହୋଇନି । ଏହି କାରଣରୁ ପ୍ରଶାସନିକ ସ୍ତରରେ ଏହାର ପରିଚାଳନା କରାଯାଉଛି । ଜନ-ସାଧାରଣଙ୍କ ପ୍ରତିନିଧି ନ ଥିବାରୁ ଲୋକଙ୍କ ସମସ୍ୟା ଓ ଏହାର ସମାଧାନ ନେଇ ବିଭିନ୍ନ ସମୟରେ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ମହାନଗର ନିଗମ ପକ୍ଷରୁ ଲୋକଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ହେଉଛି ସତ ହେଲେ ତାହାର ସଫଳ ରୂପାୟନ ହୋଇ ପାରୁ ନାହିଁ ବୋଲି ବୁଦ୍ଧିଜୀବୀ ଅଭିଯୋଗ କରୁଛନ୍ତି । ସମ୍ବଲପୁର ଓ ଝାରସୁଗୁଡ଼ାରେ ଶିଳ୍ପ ପ୍ରତିଷ୍ଠା ହେବାପରେ ସମ୍ବଲପୁର ସହରରେ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏଥି ସହିତ ଲୋକଙ୍କ ସମସ୍ୟା ଦୁଇଗୁଣା ବୃଦ୍ଧି ପାଇଛି । ବର୍ତ୍ତମାନ ସୁଦ୍ଧା ସମ୍ବଲପୁର ସହର ପୂର୍ବରୁ ନିର୍ମିତ ହୋଇଥିବା ରାସ୍ତାରେ ଗତି କରୁଛି । ରାସ୍ତା ଗୁଡ଼ିକର ଯେଭଳି ସଂପ୍ରସାରଣ ହେବା କଥା ତାହା ହେଇପାରୁନି । ରାସ୍ତା ଗୁଡ଼ିକ ଦୟନୀୟ ଅବସ୍ଥାରେ ପଡ଼ିରହିଛି । ଡ୍ରେନ୍ ସମସ୍ୟା ଯୋଗୁଁ ବର୍ଷା ଜଳ ନିଷ୍କାସନ ଜନିତ ସମସ୍ୟା ଓ ପଛୁଆ ବର୍ଷା ପାଣି ଯୋଗୁଁ ବନ୍ୟା ଆଶଙ୍କା ସର୍ବଦା ଲାଗିରହୁଛି । ସ୍ୱଚ୍ଛତା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି । ଏଭଳି ସ୍ଥିତିରେ ନିର୍ବାଚନ ଅନୁଷ୍ଠିତ ହେଲେ ମହାନଗର ନିଗମ ଠିକଣାଭାବେ ପରିଚାଳିତ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଅପରପକ୍ଷରେ ମହାନଗର ନିଗମ ନିର୍ବାଚନ ବିଳମ୍ବ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି କଂଗ୍ରେସ ନେତା ଦୁର୍ଗା ପାଢୀ ରାଜ୍ୟ ସରକାର ଚାହିଁ ଥିଲେ କେବେଠୁ ମହାନଗର ନିର୍ବାଚନ ହୋଇ ସାରନ୍ତାଣି । ରାଜ୍ୟର ଶାସକ ଦଳ ବିଜେଡି ମହାନଗର ନିର୍ବାଚନ ହେଲେ ହାରିଯିବା ଭୟରେ ନିର୍ବାଚନ କରାଇ ଦେଉନାହିଁ ବୋଲି କଂଗ୍ରେସ ନେତା ଶ୍ରୀ ପାଢ଼ୀ କହିଛନ୍ତି ।

## ଧ୍ୟାନ ମୁଦ୍ରାରେ ମୋଦି

ଚେନ୍ନାଇ: ନିର୍ବାଚନ ପ୍ରଚାର ସରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କନ୍ୟାକୁମାରୀ ବିବେକାନନ୍ଦ ରକ୍ ମେମୋରିଆଲ୍‌ରେ ୪୫ ଘଣ୍ଟା ପାଇଁ ଧ୍ୟାନ କରଛନ୍ତି । ସେ ଗେରୁଆ ରଙ୍ଗର ବସ୍ତ୍ର ପିନ୍ଧି ହାତରେ ରୁଦ୍ରାକ୍ଷ ମାଳା ଓ ମଥାରେ ତିଳକ ଲଗାଇଛନ୍ତି । ସେ ସୂର୍ଯ୍ୟଙ୍କୁ ଅର୍ଘ୍ୟ



ଦେବା ପରେ ମନ୍ଦିରର ପରିକ୍ରମା କରିଥିଲେ ଓ ଧ୍ୟାନ ମୁଦ୍ରାରେ ବସିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସନ୍ଧ୍ୟାରେ କନ୍ୟାକୁମାରୀ ପହଞ୍ଚିଥିଲେ । ସର୍ବପ୍ରଥମେ ଭଗବତୀ ଦେବୀ ଅମ୍ମନ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ପୂଜା ସମୟରେ ସେ ଧଳା ରଙ୍ଗର ମୁଣ୍ଡୁ (ଦକ୍ଷିଣ ଭାରତୀୟ ପରିଧାନ) ଓ ଶାଲ୍ ପିନ୍ଧିଥିଲେ । ପୂଜାରୀମାନେ ସ୍ୱତନ୍ତ୍ର ଆରତୀ କରାଇଥିଲେ । ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀଙ୍କ ଧ୍ୟାନ ଯାତ୍ରା ଉପରେ କୌଣସି ପ୍ରକାର ଆଇନଗତ କଟକଣା ନାହିଁ । ଏହାପୂର୍ବରୁ ୨୦୧୯ ଲୋକସଭା ନିର୍ବାଚନ ସମୟରେ ମଧ ନିର୍ବାଚନ କମିଶନ ମୋଦିଙ୍କୁ ଏହିଭଳି ଅନୁମତି ଦେଇଥିଲେ ।

କନ୍ୟାକୁମାରୀର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ଥଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି । କାରଣ ଏଠାରେ ଧ୍ୟାନ କରିବା ପରେ ବିବେକାନନ୍ଦଙ୍କ ଜୀବନରେ ଏକ ବଡ ପରିବର୍ତ୍ତନ ଆସିଥିଲା ବୋଲି କୁହାଯାଏ । ବିବେକାନନ୍ଦ ସାରା ଦେଶ ଭ୍ରମଣ କରିବା ପରେ ଏହି ସ୍ମାରକୀ ସ୍ଥଳରେ ତିନିଦିନ ଧରି ଧ୍ୟାନ କରିଥିଲେ ।

## ଅଢ଼େଇ ମାସରେ ୧୧ ଶହ କୋଟିର ଟଙ୍କା, ସୁନା ଜବତ

ନୂଆଦିଲ୍ଲୀ : ଆଉ ଅଳ୍ପ ଦିନ ଭିତରେ ନିର୍ବାଚନ ଋତୁ ଶେଷ ହେବାକୁ ଯାଉଥିବା ବେଳେ ଆୟକର ବିଭାଗ କିନ୍ତୁ ଏହି ସମୟ ଭିତରେ ରେକର୍ଡ ପରିମାଣର ନଗଦ ଟଙ୍କା ଓ ଗହଣା ଜବତ କରିଛି । ଜବତ ହୋଇଥିବା ଗହଣା ଓ ଟଙ୍କା ପରିମାଣ ୧୧୦୦ କୋଟି ଟଙ୍କାରୁ ଅଧିକ ।

ସୂଚନା ଅନୁସାରେ ମେ’ ୩୦ ସୁଦ୍ଧା ଯେତିକି ଟଙ୍କା ଓ ଗହଣା ଜବତ ହୋଇଛି ତାହା ୨୦୧୯ ଲୋକସଭା ନିର୍ବାଚନ ସମୟରେ ହୋଇଥିବା ଜବତ ତୁଳନାରେ ୧୮.୨% ଅଧିକ । ୨୦୧୯ରେ ୩୯୦ କୋଟି ଟଙ୍କା ଜବତ କରାଯାଇଥିଲା । ଏଥର ଜବତ ପରିମାଣ ୧୧୦୦ କୋଟିରୁ ଅଧିକ ରହିଛି । ଚଳିତ ବର୍ଷ ଲୋକସଭା ନିର୍ବାଚନ ପାଇଁ ଆଚରଣବିଧି ଗତ ମାର୍ଚ୍ଚ ୧୬ରେ ଲାଗୁ ହୋଇଥିଲା । ତା’ ପରଠାରୁ ଆୟକର ବିଭାଗ ପକ୍ଷରୁ ସନ୍ଦେହଜନକ ଟଙ୍କା ଓ ମୂଲ୍ୟବାନ ଜିନିଷ କାରବାର ଉପରେ ନଜର ରଖିଥିଲେ । ଜବତ ହୋଇଥିବା ଟଙ୍କା ଓ ଗହଣା ଆଦିକୁ ଭୋଟରଙ୍କୁ ମନାଇବା ଲାଗି ବ୍ୟବହାର କରିବା ଉଦ୍ଦେଶ୍ୟରେ ନିଆଯାଉଥିବା ବେଳେ ଧରାଯାଇଥିଲା । କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ନଗଦ ଟଙ୍କା, ମଦ, ମାଗଣା ସାମଗ୍ରୀ, ଡ୍ରଗସ୍, ଗହଣା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ କାରବାର ଉପରେ ନଜର ରଖିବା ଲାଗି ପ୍ରତି ରାଜ୍ୟରେ ୨୪ ଘଣ୍ଟିଆ ହେଲ୍ପଲାଇନ୍ କାର୍ଯ୍ୟକାରୀ କରାଯାଇଥିଲା ।

ସର୍ବାଧିକ ଟଙ୍କା ଓ ଗହଣା ଦିଲ୍ଲୀ ଓ କର୍ଣ୍ଣାଟକ ଅଞ୍ଚଳରେ ଜବତ ହୋଇଛି । ଏହି ଦୁଇ ରାଜ୍ୟରୁ ପ୍ରାୟ ୨୦୦ କୋଟି ଟଙ୍କା ଜବତ କରାଯାଇଛି । ତାମିଲନାଡୁରୁ ୧୫୦ କୋଟି ଟଙ୍କା ଜବତ ହୋଇଛି । ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଓଡ଼ିଶାରୁ ମିଳିତ ଭାବେ ୧୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ଓ ଗହଣା ଜବତ କରାଯାଇଛି ।

## ଏ ସଂଖ୍ୟାରେ..



ଦେହକୁ ଭଲ ଅଳେଇଚ




ପ୍ରୋଟିନ୍‌ରେ ଭରପୁର ଲେଉଟିଆ ଶାଗ



ଟମାଟୋ ଅଧିକ ଖାଆନ୍ତୁ ନାହିଁ



ପ୍ରତ୍ୟହ ଗୋଟିଏ ଚାମଚ ମେଥିଗୁଣ୍ଡ ଖାଆନ୍ତୁ



ସ୍ୱାସ୍ଥ୍ୟ ଉପକାରୀ କଲରା



ପାଣିକଖାରୁର ଉପକାରିତା



# ସତରେ କଣ ଈଶ୍ୱର ସବୁକିଛି କରନ୍ତି ?

ଡକ୍ଟର ପ୍ରମୋଦ କୁମାର ପଣ୍ଡା

ସତରେ କଣ ଈଶ୍ୱର ଅଛନ୍ତି ? ଏହା ଏକ ବିଷମ ପ୍ରଶ୍ନ । ଯାହାଠୁ ଅଧିକ ବିଷମ ପ୍ରଶ୍ନ ହେଲା ସତରେ କଣ ଈଶ୍ୱର ସବୁକିଛି କରନ୍ତି ଏବଂ କରାନ୍ତି ? ମଣିଷ ଯାହା ବି କରେ ସବୁ ନିଜେନିଜେ କରେ ନା ଈଶ୍ୱରଙ୍କ ନିର୍ଦ୍ଦେଶରେ କରେ ? ଏମିତି ଅନେକ ପ୍ରଶ୍ନ ମନକୁ ଆସେ । ଦୁନିଆଁରେ ଦୁଇ ଶ୍ରେଣୀର ମଣିଷ ଅଛନ୍ତି । ଈଶ୍ୱରବାଦୀ ଓ ଅନୀଶ୍ୱରବାଦୀ । ପ୍ରଥମ ଶ୍ରେଣୀର ଲୋକଙ୍କୁ ଆସ୍ତିକ ଏବଂ ଦ୍ୱିତୀୟ ଶ୍ରେଣୀର ଲୋକଙ୍କୁ ନାସ୍ତିକ କୁହାଯାଏ । ଏଠି ଆମେ କେବଳ ଆସ୍ତିକବାଦୀଙ୍କ କଥା ବିଚାରକୁ ନେବା ।

ଆସ୍ତିକବାଦୀ ଈଶ୍ୱରଙ୍କୁ ସର୍ବଜ୍ଞାତା , ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ମାନନ୍ତି । ତାଙ୍କ ମତରେ ଈଶ୍ୱର ହିଁ ଏକମାତ୍ର ସତ୍ୟ । 'ବ୍ରହ୍ମ ସତ୍ୟ ଜଗତ ମିଥ୍ୟା ' ଦୀକ୍ଷାରେ ଦୀକ୍ଷିତ ସେମାନେ । ସଂସାରରେ ଈଶ୍ୱର ମଣିଷର ସବୁକିଛି । ମାତା, ପିତା, ଗୁରୁ, ଭାଇ, ଭଉଣୀ ଇତ୍ୟାଦି । 'ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ, ତ୍ୱମେବ ବିଦ୍ୟା ଦ୍ରବିଣମ୍ ତ୍ୱମେବ, ତ୍ୱମେବ ସର୍ବ ମମ ଦେବ ଦେବ । 'ଏହି ଶ୍ଳୋକ ଉପରୋକ୍ତ ମାନ୍ୟତାକୁ ସିଦ୍ଧ କରେ ।

ଆସ୍ତିକ ହିନ୍ଦୁ ଧର୍ମାନୁଯାୟୀ ଈଶ୍ୱର ବିଶ୍ୱର ଅଧିଷ୍ଠାତା ମାଲିକ । ରାଜା ହର୍ତ୍ତା, କର୍ତ୍ତା, ବିଧାତା । ଏମାନଙ୍କ ମତରେ ଏହା ନିରାଟ ଓ ନିଛକ ସତ । କିନ୍ତୁ କେତେକ ଆସ୍ତିକବାଦୀ ମଣିଷ ଏଭଳି ମଧ ଭାବନ୍ତି ଯେ ପରମାତ୍ମା ପରମେଶ୍ୱର ମଣିଷକୁ ଯେମିତି ଚଳେଇବେ ସିଏ ସେମିତି ଚଳିବ । ଯାହା କରିବାକୁ ନିର୍ଦ୍ଦେଶ ଦେବେ, ତାହା କରିବ । ତା'ର ନିଜସ୍ୱ ସ୍ୱତନ୍ତ୍ରତା କିଛି ନାହିଁ । ସେ ପରତନ୍ତ୍ର । ଜୀବନରେ ଯାହାକିଛି ଘଟେ ସବୁ ଈଶ୍ୱର କରନ୍ତି , ମଣିଷ କିଛି କରେନାହିଁ । ଆଉ ମଣିଷ ଯାହା ବି କରେ ସେସବୁ ଈଶ୍ୱରଙ୍କ ଇଙ୍ଗିତ । ଏପରି କହିବା କେତେଦୂର ଯୁକ୍ତିଯୁକ୍ତ, କେତେଦୂର ସମୀଚିନ ? ଏପରି ଚିନ୍ତାଧାରା ଅମୂଳକ, ନିରର୍ଥକ ଓ ତ୍ରୁଟିଯୁକ୍ତ ନୁହେଁ ତ ?

ଶାସ୍ତ୍ର ଅନୁସାରେ ଈଶ୍ୱରୀୟ କାର୍ଯ୍ୟ ମୁଖ୍ୟ ରୂପରେ ପାଞ୍ଚ ପ୍ରକାରର । ସୃଷ୍ଟି ସର୍ଜନା, ସୃଷ୍ଟି ପାଳନ, ସୃଷ୍ଟି ସଂହାର, କର୍ମଫଳ ଏବଂ ମୋକ୍ଷ ସୁଖ ପ୍ରଦାନ । ଏତଦ୍ ଭିନ୍ନ ଅନେକ କାମ ମଣିଷ ନିଜେ କରିବ ବୋଲି ଈଶ୍ୱର ତାକୁ ସ୍ୱାଧୀନତା ଦେଇଥାନ୍ତି । ପରନ୍ତୁ ଅଜ୍ଞ ମଣିଷ ସବୁ ଭଲ କାର୍ଯ୍ୟର ଶ୍ରେୟ ନିଜେ ନିଏ ଏବଂ ମନ୍ଦ କାମ କରି ସଂକଟରେ ପଡ଼ିଲେ ଯାହା ଭାଗବାନଙ୍କ ଇଚ୍ଛା ଥିଲା ତାହା ଘଟିଲା ବୋଲି କୁହେ ନିଜକୁ ସାନ୍ତ୍ୱନା ଦେବାର ଅପଚେଷ୍ଟା କରେ । ଭାଗ୍ୟକୁ ନିନ୍ଦା କରେ । ସତେ ଯେମିତି ସେ କିଛି କରିନାହିଁ । ସେ ନିର୍ଦ୍ଦୋଷ । ସବୁକିଛି ଈଶ୍ୱରକୃତ । ଏପରି ଚିନ୍ତାଧାରା ଅମାନବୋଚିତ ବିଚାର ନୁହେଁ ତ ଆଉ କଣ ? ଈଶ୍ୱର ସଦାସର୍ବଦା ମଣିଷକୁ ଭଲ କାମ କରିବା ପାଇଁ ପ୍ରେରଣା ଦିଅନ୍ତି । ଭୁଲ୍ ପଥରୁ ନିବୃତ୍ତ କରାନ୍ତି । ମଣିଷ ଯେତେବେଳେ ଭଲ କାମ କରେ, ସମସ୍ତଙ୍କ ଗୋଚରରେ କରେ । କିନ୍ତୁ ମନ୍ଦ କାର୍ଯ୍ୟ ଅନ୍ୟମାନଙ୍କ ଅଗୋଚରରେ କରେ । ବିବେକଶୂନ୍ୟ ହୋଇ ସଠିକ ନିର୍ଣ୍ଣୟ ନେବାର କ୍ଷମତା ହରାଇ ବସେ । ଲଜ୍ଜ୍ୟା, ସଂକୋଚ, ଭୟ, ଆଶଙ୍କା ଆଦି ଈଶ୍ୱରୀୟ ଅନ୍ତଃପ୍ରେରଣାକୁ ଉପେକ୍ଷା କରେ । ପରିଶେଷରେ କୁକର୍ମ କରିବସେ । ଅପିତୁ ଉପରୋକ୍ତ ଈଶ୍ୱରୀୟ ଗୁଣର ବାସ୍ତବିକ ବିଚାର ଓ ବ୍ୟବହାର ମଣିଷକୁ କୁକର୍ମରୁ କ୍ଷାନ୍ତ କରିଥାଏ ।

ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ

# ରମ୍ୟ ରଚନା

ବାପମାଙ୍କ ଏକମାତ୍ର ଝିଅସନ୍ତାନ ଗବେଷଣା କାମରେ ବିଦେଶ ଗଲା ପାଞ୍ଚ ବର୍ଷ ପାଇଁ । ବାପମା ଝିଅକୁ ବୁଝାଇସୁଝାଇ ଉପଦେଶ ଦେଇ କହିଲେ-ନିୟମିତ ଫୋନ କରିବୁ । ଚିଠି ଲେଖିବୁ ଇତ୍ୟାଦି । ଝିଅ ବିଦେଶରେ ରହିଲା ଗବେଷଣା କାମରେ । ବାପମା ଏକୋଇର ବଳାକୁ ଝୁରି ହେଲେ । ଝିଅ ଫୋନ କରେ ।

ଏମିତି ଏମିତି ଦି ବର୍ଷ ବିତିଗଲା । ଝିଅ ପାଖରୁ ଫୋନ ଆସିବା କମିଗଲା ।

ଅକସ୍ମାତ ଝିଅପାଖରୁ ଛୋଟିଆ ପାର୍ଶଲ ଆସି ପହଞ୍ଚିଲା । ବାପମା ଆଗ୍ରହରେ ପାର୍ଶଲଟି ଖୋଲିଲେ । ତା ଭିତରେ ଛୋଟିଆ ପ୍ଲାଷ୍ଟିକ ଶିଶିଟିଏ ଥିଲା ଏବଂ ଛୋଟିଆ ଚିଠିଟିଏ ଥିଲା । ଝିଅ ଲେଖିଥିଲା-ବାପା, ମୋ ଗବେଷଣା ପ୍ରସ୍ତୁତ ରସାୟନ ପଠାଇଲି । ତମେ ବୁନ୍ଦାଏ ଓ ମା ବୁନ୍ଦାଏ ଖାଇବ । ସାବଧାନ ବୁନ୍ଦାଏରୁ ଯେମିତି ଦି ବୁନ୍ଦା ନ ହୁଏ । ଏହି ରସାୟନ ସେବନ କଲେ ତମେ ପାଞ୍ଚ ବର୍ଷ ତଳର ଯୌବନ ଓ ସ୍ପୁର୍ତ୍ତି ଫେରି ପାଇବ । ଏ କଥା ସମ୍ପୂର୍ଣ୍ଣ ଗୋପନ ରଖିବ ।

ବାପା ଠିପି ଖୋଲି ଡ୍ରପର ସାହାଯ୍ୟରେ ବୁନ୍ଦାଏ ପାଟିରେ ପକାଇଦେଲେ ଏବଂ ଆଉ ବୁନ୍ଦାଏ ମା ପାଟିରେ ।

ଦେଖୁଦେଖୁ ବାପାଙ୍କ ଧଳା କେଶ କଳା ହୋଇଗଲା । ସେ ପାଞ୍ଚ ବର୍ଷ ତଳର ଯୌବନ ଫେରି ପାଇଲେ ଏବଂ ମା ବି ତରୁଣୀ ଦିଶିଲେ । ବାପାମାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଶରୀରରେ ନୂଆ ଉନ୍ମାଦନା । ଶିଶିଟାକୁ ସେମାନେ ଲୁଚେଇ ରଖିଲେ । ସାହିପଡିଶା ସେମାନଙ୍କ ଶାରୀରିକ ପରିବର୍ତ୍ତନ ଦେଖି ତାଜୁବ ହେଇଗଲେ ଓ ଈର୍ଷା କଲେ । କିଛି ଦିନ ଉତ୍ତାରୁ ମା' ବାପାଙ୍କ ଅଗୋଚରରେ ଆଉ ବୁନ୍ଦାଏ ମାରିଦେଲେ । ଯୁବତୀସୁଲଭ ରୂପ ଠାଣି ଚହଟି ଉଠିଲା । ତାଙ୍କ ଆଖିରେ ସପନ ଲହଡ଼ି ମାରିଲା ।

ଝିଅ ଫେରିଲା । ସେ ମା'ଙ୍କୁ ଚିହ୍ନି ପାରିଲା ନାହିଁ । କିନ୍ତୁ ମା'ଙ୍କ କୋଳରେ ଶିଶୁଟିଏ ଦେଖିଲା । ସେ ଖୁସି ହୋଇ ପିଲାଟିକୁ କୋଳେଇ ପକାଇ ଭାବିଲା ଯାହାହେଉ ଏ ରସାୟନ ଖାଇ ମା ସନ୍ତାନସମ୍ଭବା ହେଇ ପାରିଛନ୍ତି ଏବଂ ତାକୁ ଗୋଟିଏ ଭାଇ ଦେଇଛନ୍ତି ।

ସେ ଘରେ ବାପାଙ୍କୁ ନ ଦେଖି ପଚାରିଲା - ବାପା କୁଆଡେ ଯାଇଛନ୍ତି କି ମା' ।

ମା' କୋହ ସମ୍ଭାଳି ନ ପାରି କହିଲେ-ଆମେ ଅପରାଧ କରି ପକାଇଛୁ ଝିଅ । ମୁଁ ଚାରି ବୁନ୍ଦା ଖାଇ ଦେଇଛି ଏହି ତିନି ବର୍ଷ ଭିତରେ । ଆଉ ତୋ ବାପା ମତେ ଲୁଚେଇ ଶିଶିର ସବୁ ରସାୟନ ପିଇ ଶିଶୁ ହେଇଗଲେ । ତୋ କୋଳରେ ଯାହାକୁ ଧରିଛୁ ସେ ତୋ ବାପା ।

# ବିଶ୍ୱ ମାନବର ଅଖଣ୍ଡ ଅନ୍ତରାତ୍ମା

ସମସ୍ତ ଜଡ଼ ଓ ଚେତନ ବିଶ୍ୱମାନବର ଏକ ଓ ଅଖଣ୍ଡ ଅନ୍ତରାତ୍ମାରେ ଅବସ୍ଥିତ । ଏହି ଆତ୍ମାରେ ଏକ ସ୍ୱକୀୟ ଦିବ୍ୟ ପ୍ରଭା, ଏକ ସ୍ୱର୍ଗୀୟ ଜ୍ୟୋତି ଝଲମଲ କରୁଛି । କିନ୍ତୁ ତାକୁ ଅନେକ ମଳାବରଣ ଢାଙ୍କି ରଖିଛି । ଯଦି ସେହି ଜ୍ୟୋତି ସେହି ମଳାବରଣକୁ ଚିରି ନିଜର ଶୁଦ୍ଧ ସ୍ୱରୂପରେ ଦୀପ୍ତିମନ୍ତ ହୋଇଯିବ, ତେବେ ତା'ର ଆଲୋକ ଯେଉଁଠାରେ ପଡ଼ିବ, ସେଠାରେ ଆନନ୍ଦର ପରମ ଆହ୍ଲାଦକାରୀ ଦୃଶ୍ୟ ଦେଖାଯିବ । ଏହି ପ୍ରକାଶର ପରିଧିରେ ଆସୁଥିବା ପ୍ରତ୍ୟେକ ବସ୍ତୁ ସ୍ୱର୍ଗୀୟ ହୋଇପାରେ । ଏହିପରି ବହୁମୂଲ୍ୟ ଜ୍ୟୋତି ଆମ ଭିତରେ ବିଦ୍ୟମାନ । ସ୍ୱର୍ଗର ସମସ୍ତ ସୌନ୍ଦର୍ଯ୍ୟ ସଜ୍ଜା ଆମ ଭିତରେ ବିଦ୍ୟମାନ, କିନ୍ତୁ ତାକୁ ଅବିଦ୍ୟାର ପ୍ରତିରୋଧୀ ତତ୍ତ୍ୱ ଭିତରେ ହିଁ ଅବରୁଦ୍ଧ କରିରଖିଛି । ଫଳସ୍ୱରୂପ ମାନବ ନାରକୀୟ ସ୍ଥିତିରେ ପଡ଼ିରହିଛି ଏବଂ ଚୌଦିଗରେ ନରକତୁଲ୍ୟ ପରିବେଶ ନିର୍ମିତ କରିରଖିଛି ।

ଆଜି ଆତ୍ମା ସ୍ୱାର୍ଥର ସଂକୀର୍ଣ୍ଣ ସୀମାରେ ଆବଦ୍ଧ ହୋଇ ଖଣ୍ଡିତ ହୋଇଚାଲିଛି । ପ୍ରତ୍ୟେକ ବ୍ୟକ୍ତି ନିଜକୁ ଅନ୍ୟମାନଙ୍କଠାରୁ ଭିନ୍ନ-ଖଣ୍ଡିତ ଦେଖୁଛି । ଫଳସ୍ୱରୂପ ଚତୁର୍ଦ୍ଦିଗରେ ସଂଘର୍ଷ ଓ କଳହପୂର୍ଣ୍ଣ ପରିବେଶ ସୃଷ୍ଟି ହେଉଛି । ବସ୍ତୁତଃ ଆମେ ସମସ୍ତେ ଏକ, ଅଖଣ୍ଡ ; ସମସ୍ତେ ପରସ୍ପର ସହିତ ଯୋଡ଼ିହୋଇ ରହିଛୁ । ଆମକୁ ବୁଝିବାକୁ ହେବ ଯେ, ଜଣକର ସୁଖ-ଦୁଃଖ ସମସ୍ତଙ୍କର ସୁଖ-ଦୁଃଖ ଅଟେ । ଉଠିବାକୁ ହେଲେ ସମସ୍ତଙ୍କୁ ଏକସଙ୍ଗେ ଉଠିବାକୁ ହେବ, ସୁଖ ଖୋଜିଲେ ତାକୁ ସମସ୍ତଙ୍କୁ ବାଣ୍ଟିବାକୁ ହେବ । ଖଣ୍ଡିତ ବ୍ୟକ୍ତି ସ୍ୱାର୍ଥର ସଙ୍କୁଚିତ ସୀମାରେ ରହି ନିଜପାଇଁ ଯାହା ବି ଓ ଯେତେ ବି ଏକତ୍ର କରିନେବେ ମଧ ତାକୁ କେବେ ଶାନ୍ତି ମିଳିବ ନାହିଁ । ଯେପର୍ଯ୍ୟନ୍ତ ମଣିଷ ନିଜକୁ ସଭିଙ୍କଠାରେ ଏବଂ ସଭିଙ୍କୁ ନିଜଠାରେ ଦେଖିନାହିଁ, ସେ ମହାନତାରୁ, ମାନବତାରୁ ବଞ୍ଚିତ ରହିବ । ପରସ୍ପରପ୍ରତି ପ୍ରେମ, ଆତ୍ମୀୟତା, ସ୍ନେହ, ମମତା, ଉଦାରତା, କ୍ଷମା, କରୁଣାର ଦୃଷ୍ଟିରେ ଦେଖିଲେ ଓ ନିଜ ପାଖରେ ଥିବା ଜିନିଷର ଲାଭ ଅନ୍ୟମାନଙ୍କୁ ଦେବା ଆରମ୍ଭ କଲେ ହିଁ ମଣିଷର ମଣିଷତ୍ୱ ସାର୍ଥକ ହେବ ।

ଅଧ୍ୟାତ୍ମର ସନ୍ଦେଶ ହେଉଛି, ମଣିଷ ନିଜ ଭିତରକୁ ଦେଖି, ଅନ୍ତର୍ମୁଖୀ ହୋଇ ଅବଲୋକନ କରୁ ଯେ, ତା'ଭିତରେ କେତେ ପ୍ରଚୁର ପରିମାଣରେ ଦୈବୀ ସମ୍ପତ୍ତି ପୂରି ରହିଛି । ଯଦି ତାକୁ ଜାଣିଯିବ, ଦେଖିନେବ ଓ ତା'ର ସଦୁପଯୋଗ କରିବାରେ ଲାଗିବ, ତେବେ ମୃତ୍ୟୁପରେ ନୁହେଁ, ଏହି ଜୀବନରେ ଓ ଆଜି ସ୍ୱର୍ଗୀୟ ଆନନ୍ଦ ଉପଭୋଗ କରିପାରିବ ।

ଏହା କାଳ୍ପନିକ ନୁହେଁ ବରଂ ସୁନିଶ୍ଚିତ ତଥ୍ୟ ଯେ, ମଣିଷ ନିଜକୁ ଜାଣିନେବାପରେ ସବୁକିଛି ଜାଣିପାରେ । ନିଜକୁ ସୁଧାରି ନେବାପରେ ସଂସାରର ପ୍ରତ୍ୟେକ ମନ୍ଦକଥା ଠିକ୍ ହୋଇପାରେ । ନିଜକୁ ଗଢ଼ିନେଲେ ସଂସାରରେ ଯାହା ଚାହିଁଲେ ଗଢ଼ାଯାଇପାରେ । ନିଜକୁ ବିକଶିତ କରିନେଲେ ବାହାରର ସମସ୍ତ ପତନକୁ ଉତ୍କୃଷ୍ଟତାରେ ପରିଣତ କରାଯାଇପାରେ । ବ୍ୟକ୍ତି ମହାନ ହେଉ, ସମାଜ ମହାନ ହେଉ ତଥା ସମସ୍ତ ବିଶ୍ୱ ମହାନତାରେ ଓତପ୍ରୋତ ହେଉ, ଏହି ମିଶନ ନେଇ ଆମକୁ ଆଗକୁ ଚଢ଼ିବା ଓ ପ୍ରଯତ୍ନ କରିବାର ଅଛି । ଆମେ ଯେପର୍ଯ୍ୟନ୍ତ ଜୀବିତ ରହିଅଛୁ, ସେପର୍ଯ୍ୟନ୍ତ ଏହି ପ୍ରଯତ୍ନ କରୁଥିବୁ ।

'ନା ଅନ୍ୟମାନେ ଆମଠାରୁ ଭିନ୍ନ ଓ ନା ଆମେ ଅନ୍ୟମାନଙ୍କଠାରୁ ଭିନ୍ନ', ଏହି ଧାରଣାରେ ଅଧ୍ୟାତ୍ମବାଦର ସମସ୍ତ ରହସ୍ୟ ସନ୍ନିହିତ । ଆମେ ଯେଉଁଦିନ ଅନ୍ୟମାନଙ୍କ ଦୁଃଖକଷ୍ଟକୁ ନିଜର ଦୁଃଖକଷ୍ଟ ବୋଲି ଭାବିବା ଏବଂ ଅନ୍ୟମାନଙ୍କର ସୁଖ-ସମୃଦ୍ଧି ଦେଖି ସନ୍ତୋଷ ଓ ହର୍ଷ ଅନୁଭବ କରିବା, ତେବେ ଜାଣିବା ଦରକାର ଆମେ ଆଧ୍ୟାତ୍ମିକତାର ବାସ୍ତବିକ ସ୍ୱରୂପକୁ ବୁଝିବା ଓ ଗ୍ରହଣ କରିବାର ସ୍ଥିତିରେ ପହଞ୍ଚିଛୁ । ଯେପର୍ଯ୍ୟନ୍ତ ବ୍ୟକ୍ତି ନିଜକୁ ସମାଜଠାରୁ ଭିନ୍ନ ଭାବୁଥିବ, ଜନହିତଠାରୁ ବ୍ୟକ୍ତିଗତ ସ୍ୱାର୍ଥକୁ ଅଧିକ ମହତ୍ତ୍ୱ ଦେଉଥିବ, ସେପର୍ଯ୍ୟନ୍ତ ସେ ମାନବୀୟ ଆଦର୍ଶରୁ ପତିତ ବୋଲି ଜାଣିବା ଦରକାର ।

ଆତ୍ମା ଅଖଣ୍ଡ । ଆମେ ସମସ୍ତେ ଗୋଟିଏ ନାବର ଯାତ୍ରୀ, ଗୋଟିଏ ପଥର ପଥିକ, ଗୋଟିଏ ଶାଖାରେ ବସିଥିବା ପକ୍ଷୀ, ଗୋଟିଏ ହିଁ ଗାତରେ ରହୁଥିବା ପିମ୍ପୁଡ଼ିଦଳ ସମାନ । ସମସ୍ତେ ଗୋଟିଏ ସୂତ୍ରରେ ବାନ୍ଧିହୋଇ ରହିଛୁ । ସମସ୍ତଙ୍କର ସୁଖ-ଦୁଃଖ ଏକ । ଯଦି ସଂସାରରେ ପାପ ବଢ଼ିବ, ତେବେ ତା'ର ଦୁଷ୍ପରିଣାମରୁ ପୁଣ୍ୟାତ୍ମାଙ୍କୁ ମଧ କଷ୍ଟ ଭୋଗିବାକୁ ପଡ଼ିବ । ବୃକ୍ଷ ଭାଙ୍ଗିପଡ଼ିଲେ ସେଥିରେ ରହୁଥିବା ସମସ୍ତ ପକ୍ଷୀ ନିରାଶ୍ରୟ ହୋଇଯାଆନ୍ତି । ଗାତରେ ପାଣି ଭରି ହୋଇଗଲେ ସେଥିରେ ରହୁଥିବା ସମସ୍ତ କୀଟ ବିପଦରେ ପଡ଼ିଯାଆନ୍ତି । ମାନବ ଜାତିର ଭାଗ୍ୟ ଗୋଟିଏ ହିଁ ଲିପିରେ ଲେଖାଯାଇଛି । ଯଦି ଉତ୍ଥାନ ହେବାର ଅଛି, ସୁଖ ମିଳିବାର ଅଛି, ତେବେ ତାହା ସାମୂହିକ ହିଁ ହୋଇପାରେ । ଚୋରମାନେ ଧନୀ ହେବାକୁ ଚାହିଁବେ ଓ ବାକି ସମସ୍ତେ ଅଭାବରେ ରହି ଦୁଃଖ ଭୋଗୁଥିବେ, ଏଭଳି ସ୍ଥିତି ବେଶୀଦିନ ରହିବ ନାହିଁ । ସାମ୍ୟବାଦ ହେଉ ବା ଅଧ୍ୟାତ୍ମବାଦ, ଉଭୟ ଦୃଷ୍ଟିକୋଣରୁ ଏହାକୁ ନିନ୍ଦନୀୟ କୁହାଯିବ ଓ ଏହାକୁ ବଦଳାଇବାର ପ୍ରଯତ୍ନ କରାଯିବ ।

ଆତ୍ମା ଏକ ବ୍ୟାପକ ତତ୍ତ୍ୱ, ଏହା ଅନନ୍ତ ଓ ଅଖଣ୍ଡ । ଜଳର ପ୍ରତ୍ୟେକ ଲହରିରେ ଏକ ସ୍ୱତନ୍ତ୍ର ସୂର୍ଯ୍ୟ ଚମକୁଥିବାର ଦେଖାଯାଏ, କିନ୍ତୁ ବାସ୍ତବରେ ଅସଂଖ୍ୟ ସୂର୍ଯ୍ୟ ଅଛନ୍ତି କି ? ଗୋଟିଏ ହିଁ ସୂର୍ଯ୍ୟର ଆଭା ଅଗଣିତ ଲହରିରେ ସ୍ୱତନ୍ତ୍ର ପ୍ରତିବିମ୍ବପରି ଦେଖାଯାଇଥାଏ । ଆତ୍ମା ମଧ ଏକ, ତା'ର ଅଖଣ୍ଡ ଜ୍ୟୋତି ମଧ ଏକ । ଆମେ ଲହରିରେ ଦୀପ୍ତିମନ୍ତ ପ୍ରତିବିମ୍ବଭଳି ପୃଥକ୍ ପୃଥକ୍ ପ୍ରତୀତ ହେଉଥିଲେ ମଧ ମୂଳରୂପରେ ସମସ୍ତେ ଏକ । ଗୋଟିଏ ହିଁ ଜ୍ୱାଳାର ଅଗଣିତ ସ୍ଫୁଲିଙ୍ଗ ବିଭିନ୍ନ ଶରୀରରେ ଚମକୁଥିବାର ଦେଖାଯାଏ । ଗୋଟିଏ ହିଁ ବିଦ୍ୟୁତ୍—ଗୃହର ପ୍ରଚଣ୍ଡ ଧାରା ଅନେକ ବଲ୍‌ବରେ ଚମକୁଥାଏ, କିନ୍ତୁ ଧାରାର ଉଦ୍‌ଗମ ଏକ ।

ଏହି ଏକତାକୁ ଯେତେ ଶୀଘ୍ର ବୁଝିନେବା, ସେତେ ଭଲ । ବେଦାନ୍ତର ଅଦ୍ୱୈତ ସିଦ୍ଧାନ୍ତ ହିଁ ସତ୍ୟ, ଦ୍ୱୈତ ମିଥ୍ୟା । ଦ୍ୱୈତକୁ ନିରସ୍ତ କରି ଅଦ୍ୱୈତକୁ ପ୍ରାପ୍ତ କରିବାପାଇଁ ହିଁ ଅଧ୍ୟାତ୍ମ ଶାସ୍ତ୍ର ଏବଂ ସାଧନା ବିଜ୍ଞାନର ଉଦ୍‌ଭବ ହୋଇଛି । ଜୀବ ଯେତେବେଳେ ନିଜର ଅସ୍ତିତ୍ୱକୁ ଭୁଲି ଈଶ୍ୱରଙ୍କଠାରେ ଲୀନ ହୋଇଯାଏ, ସେତେବେଳେ ସମାଧିର, ମୁକ୍ତିର ସୁଖ ପ୍ରାପ୍ତ ହୋଇଥାଏ । ଲୌକିକ ଜୀବନରେ ମଧ ସୁଖ-ଶାନ୍ତିର ମାର୍ଗ ଏହା । ବ୍ୟକ୍ତି ସ୍ୱାର୍ଥର ସଂକୁଚିତ ଶୈଳୀରେ ଭାବିବା ଛାଡ଼ି ଯଦି ସମାଜର, ସମୂହର କଥା ଭାବିବ, ତେବେ ସର୍ବାଙ୍ଗୀନ ଉନ୍ନତି ବା ମୁକ୍ତିର ପରିବେଶ ନିର୍ମିତ ହୋଇପାରେ ।

ରାଜନୈତିକ ସ୍ୱତନ୍ତ୍ରତା, ଆର୍ଥିକ ସ୍ୱତନ୍ତ୍ରତା, ସାମାଜିକ ସ୍ୱତନ୍ତ୍ରତା, ଧାର୍ମିକ ସ୍ୱତନ୍ତ୍ରତା ଆଦିର ଭିନ୍ନ ଭିନ୍ନ ଆନ୍ଦୋଳନ ଚାଲୁଥାଏ । ଆତ୍ମା ମଧ ସ୍ୱତନ୍ତ୍ର, ସେ ବନ୍ଧନରେ ରହିବାକୁ ଚାହେଁ ନାହିଁ । ଯେବେ ସାଧାରଣ ପକ୍ଷୀଟି ଏ ପିଞ୍ଜରାରେ ରହିବାର ପରାଧୀନତାକୁ ସ୍ୱୀକାର କରେ ନାହିଁ ଏବଂ ଅବସର ପାଇଲେ ମୁକ୍ତ ଆକାଶକୁ ଉଡ଼ିଯାଏ, ତେବେ ଆତ୍ମା କିପରି ପରାଧୀନ ରହିବ ? ତା'ର ସ୍ୱାଧୀନତାର କ୍ଷୁଧା ସ୍ୱାଭାବିକ । ଏହି କ୍ଷୁଧା ଆର୍ଥିକ ସ୍ୱତନ୍ତ୍ରତାରେ ଯାଇ ପୂର୍ଣ୍ଣ ହୁଏ । ବ୍ୟକ୍ତି ଯଦି ତା'ର ଶରୀର ବା ଛୋଟ ପରିବାର ମଧରେ ହିଁ ଭାବନାକୁ ସୀମିତ ରଖିବ ଏବଂ ସଂସାରର ଦୁଃଖକଷ୍ଟକୁ ଉପେକ୍ଷା କରିଦେବ, ତେବେ ଏହାକୁ ତା'ର ସଂକୀର୍ଣ୍ଣତା, ସୀମାବଦ୍ଧତା, ସ୍ୱାର୍ଥପରତା କୁହାଯିବ । ପ୍ରାଣୀ ଏହି ଭବ ବନ୍ଧନରେ ହିଁ ତ ବାନ୍ଧିହୋଇ ଜନ୍ମ-ମୃତ୍ୟୁର ଫାଶରେ ଝୁଲୁଥାଏ ।

ସଂକୁଚିତ ସ୍ୱାର୍ଥର ସୀମାରେ ଅବରୁଦ୍ଧ ବ୍ୟକ୍ତି ତୁଚ୍ଛ ଅଟେ । ଯିଏ କେବଳ ନିଜ ବିଷୟରେ ଭାବେ ଏବଂ ନିଜର ହିଁ ସୁଖ-ଦୁଃଖରେ ସୁଖୀ-ଦୁଃଖୀ ହୁଏ, ସେହି ଅଭାଗା ଜଳର ସେହି କ୍ଷୁଦ୍ର ବିନ୍ଦୁ ସମାନ ଯାହାର ଅସ୍ତିତ୍ୱ ଉପହାସାସ୍ପଦ ହୋଇଥାଏ । ସମୁଦ୍ରରେ ଅଗଣିତ ବିନ୍ଦୁର ସମାଜ ରହିଥାଏ, ତେଣୁ ସମୁଦ୍ର ମହାନ ଓ ତା'ର ବିନ୍ଦୁ ମଧ ଧନ୍ୟ ହୋଇଥାଏ । ସୂର୍ଯ୍ୟ ନିଜ ଜ୍ୟୋତିକୁ କେବଳ ନିଜ ଗ୍ରହକୁ ହିଁ ପ୍ରକାଶିତ କରିବାରେ ସୀମିତ ରଖେନାହିଁ, ବରଂ ଲୋକ ଲୋକାନ୍ତର ପର୍ଯ୍ୟନ୍ତ ତାକୁ ବିତରିତ କରିଥାଏ । ଏହି କାରଣରୁ ତାକୁ ସବିତା ଦେବତା କୁହାଯାଏ । ସେହି ମଣିଷ ମଧ ଦେବତା, ଯିଏ ସୀମା ବନ୍ଧନକୁ ଭାଙ୍ଗିଦେଇ ଅସୀମ ହେବାକୁ ଯାଉଛି, ସ୍ୱାର୍ଥକୁ ପରମାର୍ଥରେ ପରିଣତ କରିବାକୁ ନିଶ୍ଚିତ କରିନେଇଛି ।

ଏହି ସଂସାରର ଭାଗ୍ୟ ଓ ଭବିଷ୍ୟତ ଗୋଟିଏ ହିଁ ନାବରେ ରଖାହୋଇଛି । ବିଜ୍ଞାନର ପ୍ରଗତି ଏହି ଏକତାକୁ ଆହୁରି ଅଧିକ ସଘନ କରିଦେଇଛି । ତେଣୁ ଆମେ ସୁଖ-ଦୁଃଖ, ହାନି-ଲାଭ, ଉତ୍‌ଥାନ-ପତନ, ଜୀବନ-ମରଣରେ ସମସ୍ୟାକୁ ବ୍ୟକ୍ତିଗତ ଦୃଷ୍ଟିରେ ନଦେଖି ସମୂହ ବା ସମାଜର ଦୃଷ୍ଟିରେ ଦେଖିବା ଓ ସେହି ଅନୁସାରେ ସର୍ବଜନ ହିତର ବିଚାର କରିବା ଦରକାର । ଯାହା ସଭିଙ୍କପାଇଁ ହିତକାରୀ, ତାହା ନିଜପାଇଁ ମଧ ହିତକାରୀ ହେବ । ଯେଉଁଥିରେ ସମସ୍ତଙ୍କୁ ସୁଖ- ଶାନ୍ତି ମିଳିବ, ସେଥିରେ ନିଜକୁ ମଧ ସୁଖ-ଶାନ୍ତି ମିଳିବ । କେବଳ ନିଜକୁ ସୁଖୀ ବନାଇବାକୁ ଚାହୁଁଥିବା ଲୋକେ ବିସ୍ତୃତ ଦୃଷ୍ଟିରେ ଦେଖିବା ଉଚିତ ଏବଂ ଆତ୍ମାର ଅଖଣ୍ଡ ଜ୍ୟୋତିକୁ ସୀମିତ କ୍ଷେତ୍ରରେ ସଂକୁଚିତ ନରଖି ତାକୁ ବିସ୍ତୃତ ବିଶାଳ କ୍ଷେତ୍ରରେ ବିକିରିତ ହେବାକୁ ଦେବା ଉଚିତ । ସମସ୍ତଙ୍କ ସୁଖରେ ହିଁ ଆମ ସୁଖ ନିହିତ, ଏହି ତଥ୍ୟ ଓ ସତ୍ୟକୁ ହୃଦୟଙ୍ଗମ କରିବା ଉଚିତ ।

# ନିଜକୁ ନିଜେ ଚିହ୍ନିବା

ଜନ୍ମ ହୁଏତ ଜୀବନର ଆରମ୍ଭ ହୋଇପାରେ, କିନ୍ତୁ ମୃତ୍ୟୁ ଏହାର ପରିସମାପ୍ତି ନୁହେଁ । ଶରୀର ଅନ୍ତର୍ହିତ ହୋଇପାରେ, ମାତ୍ର ଆତ୍ମ ପ୍ରକାଶର ଦୀପଶିଖା ନିର୍ବାପିତ ହୋଇପାରେନା । ଆତ୍ମା ଏକ ଅନିର୍ବାଣ ଦୀପଶିଖା । ମୃତ୍ୟୁ ଏକ ପ୍ରହେଳିକା । ଆଜକୁ ଅଢ଼େଇ ହଜାର ବର୍ଷ ତଳୁ ଅଥର୍ବ ବେଦରେ ଉତ୍ତୀର୍ଣ୍ଣ ହୋଇ ରହିଛି ଏହି ଅଭୟବାଣୀ – 'ମା ବି, ନ ମରିଷ୍ୟସି 'ଭୟ କରନାହିଁ, ତୁମେ ମରିବ ନାହିଁ ।' ଏହା ସତ୍ତ୍ୱେ ଏ ମଣିଷ ମୃତ୍ୟୁପ୍ରତି ଏତେ ପରାମୁଖୀ କାହିଁକି ? ଶଙ୍କରଙ୍କ ପିତା ମୃତ୍ୟୁ ବରଣ କରିଛନ୍ତି । ସମସ୍ତଙ୍କ ମୁହଁରେ ଗୋଟିଏ କଥା- ସବୁ ଶେଷ ହୋଇଗଲା । ହଠାତ୍ ଶିଶୁ ଶଙ୍କରଙ୍କ ମୁହଁରୁ ଭାସି ଆସିଲା– 'ଶେଷ ନା ଆରମ୍ଭ ? କଠୋପନିଷଦରେ ଜଣେ କିଶୋର ବାଳକ ହାତରେ ମୃତ୍ୟୁ ଦେବ ଯମଙ୍କର ଅସହାୟ ପରାଜୟ ଆଉ ଏକ ବଳିଷ୍ଠ ଦୃଷ୍ଟାନ୍ତ । ଋଷିପୁତ୍ର ନଚିକେତା ଯମଦ୍ୱାରରେ ଉପସ୍ଥିତ ହୋଇଛନ୍ତି ପିତା ବାଜଶ୍ରବାଙ୍କ ଆଦେଶରେ । ସାମ୍ନାରେ ମୃତ୍ୟୁ ଦେବଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛନ୍ତି ଜିଜ୍ଞାସୁ ନଚିକେତା । ତୃତୀୟ ବରଣ ପ୍ରଶ୍ନରେ ସ୍ତବ୍ଧ ହୋଇଯାଇଛନ୍ତି ଯମରାଜ । କେହି କେହି କହନ୍ତି ମୃତ୍ୟୁ ପରେ ଜୀବନ ରହେ, କେହି କେହି କହନ୍ତି ରହେ ନାହିଁ । ଏଥିରୁ କେଉଁଟି ସତ ? ହେ ମୃତ୍ୟୁଦେବ । ମୋତେ ମୃତ୍ୟୁ ଓ ପରଲୋକର ରହସ୍ୟଜ୍ଞାନ ବତେଇଦିଅନ୍ତୁ । ଯମ କହିଲେ– ଏ ପ୍ରଶ୍ନ ଦେବତାଙ୍କୁ ମଧ ବିଚଳିତ କରିଛି । ତେଣୁ ହେ ନଚିକେତା । ତୁମେ ଏ ପ୍ରଶ୍ନର ଉତ୍ତର ଛାଡ଼ି ପାର୍ଥିବ ଜୀବନରେ ଯାହା ଶ୍ୱାସ୍ଥ୍ୟ ଓ ଦୁର୍ଲଭ ତାହା ମାଗିପାର । ନଚିକେତା, କହିଲେ– ତାହା ତ ମୋତେ ଅବଶ୍ୟ ଦେଇପାରିବେ । ତେବେ ମୋ ଆଗରେ ଏବେ ଦଣ୍ଡାୟମାନ, କିନ୍ତୁ ସମୟକ୍ରମେ ଆପଣ ଏସବୁକୁ କବଳିତ ବି କରିବେ । ଏ ନଶ୍ୱର ଗୌରବରେ ମୋର ଲାଭ କ'ଣ ? ଦୟା କରି ମୋତେ ଅମର ଜୀବନର ତତ୍ତ୍ୱ କୁହନ୍ତୁ । ଜଣେ ବାରବର୍ଷ ବାଳକର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆରମ୍ଭ ହେଲା ଉପନିଷଦ ।

ଯମ କହିଲେ– 'ହେ ପୁତ୍ର ! ପ୍ରାକୃତିକ ପ୍ରକ୍ରିୟାରେ ସଂଜାତ ଶରୀରର ବିନାଶ ଅନିର୍ବାଯ୍ୟ ହେଲେ ମଧ ଆତ୍ମା ଅମର । ନା ଏହାର ମୃତ୍ୟୁ ଅଛି ନା ଜନ୍ମ ଅଛି । ଏହା ନିତ୍ୟ, ଶାଶ୍ୱତ, ସନାତନ । ମୃତ୍ୟୁରେ କେବଳ ସ୍ଥୂଳ ଶରୀର ଧ୍ୱଂସ ହୁଏ । ଆତ୍ମାର ନାଶ ହୋଇ ନଥାଏ । ଏହା ସୂକ୍ଷ୍ମରୁ ସୂକ୍ଷ୍ମତମ, ମହାନ୍‌ରୁ ମହାନତମ । ଏଣୁ ଜ୍ଞାନବାନ୍ ଆତ୍ମା କଦାପି ମରନ୍ତି ନାହିଁ । ସେ ଅଜର, ଅମର । ହନ୍ତା ଯଦି ମନେକରନ୍ତି ମୁଁ କାହାକୁ ହନନ କଲି ଅଥବା ହତବ୍ୟକ୍ତି ଯଦି ମନେକରନ୍ତି ମୁଁ ହତ ହେଲି, ତେବେ ଉଭୟଙ୍କୁ ସତ୍ୟ ସମ୍ବନ୍ଧରେ ଅନଭିଜ୍ଞ ବୋଲି ବୁଝିବାକୁ ହେବ । ଯେଉଁ ପୁରୁଷ କାଳ କବଳିତ ହେବା ପୂର୍ବରୁ ଏହି ବିଦ୍ୟା (ଆତ୍ମତତ୍ତ୍ୱ)କୁ ଜାଣିବାରେ ସକ୍ଷମ ହୋଇଥା'ନ୍ତି, ସେ ଜୀବନ୍ମୁକ୍ତ ହେବା ସହ ରୋଗ, ଶୋକ, ଜରା-ବ୍ୟାଧକୁ ଦୂରୀଭୂତ କରି ପରମାନନ୍ଦ ପ୍ରାପ୍ତ ହୋଇଥା'ନ୍ତି । ଏହା ଆତ୍ମଜ୍ଞାନ । ବୃହଦାରଣ୍ୟକ ଉପନିଷଦରେ ଅତି କାବ୍ୟିକ ଢଙ୍ଗରେ ଜୀବନ ବିବର୍ତ୍ତନର ଚିତ୍ର ପ୍ରଦାନ କରିଛନ୍ତି ଯାଜ୍ଞବଲ୍‌କ୍ୟ । ଜୋକ ଯେମିତି ଗୋଟିଏ ଘାସ ଅଗରୁ ଅନ୍ୟ ଗୋଟିଏ ଘାସ ଅଗକୁ ନିଜର ସମସ୍ତ ଶରୀରର ଭାରା ଦେଇ ଗତିକରେ, ସେହିପରି ମାନବ ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଅବଲୀଳାକ୍ରମେ ନିଜର ସମସ୍ତ କର୍ମ ସଂସ୍କାରର ଭାର ବହନ କରି ଗତି କରୁଛି । ସ୍ୱର୍ଣ୍ଣକାର ଯେମିତି ପୁରୁଣା ସୁନାକୁ ଅଗ୍ନିରେ ଦଗ୍ଧ କରି ଅନ୍ୟ ଏକ ଜାଜ୍ୱଲ୍ୟମାନ ରୂପ ପ୍ରଦାନ କରେ ଏବଂ ସର୍ପ ଯେମିତି ଜୀର୍ଣ୍ଣ କାତି ଫିଙ୍ଗି ନୂତନ କାନ୍ତି ଧାରଣ କରେ, ସେମିତି ମୃତ୍ୟୁରେ ମଣିଷର ନବକଳେବର ହୁଏ । ମୃତ୍ୟୁରେ ମଣିଷର କିଛି ହରାଏନି, ବରଂ ସତତ ନିତ୍ୟ ନୂତନତାକୁ ଅଭିବାଦନ କରେ । ଆମେରିକାର କବି ଇମରସନଙ୍କ 'ବ୍ରହ୍ମ' ଶୀର୍ଷକ କବିତାରେ ଏକ ତତ୍ତ୍ୱ ସ୍ନିଗ୍ଧ ଓ ସରଳଭାବରେ ରୂପାୟିତ । ସେ କହନ୍ତି ମୃତ୍ୟୁ କାହିଁ ? ମୁଁ ଅଛି, ଯାଉଛି ଏବଂ ପୁନଃ ପ୍ରତ୍ୟାବର୍ତ୍ତନ କରୁଛି । ଏକ ଦ୍ୱାରରୁ ବାହାରି ଅନ୍ୟ ଏକ ଦ୍ୱାରରେ ପ୍ରବେଶ ମାତ୍ର । ଅବ୍ୟକ୍ତରୁ ବ୍ୟକ୍ତ ଏବଂ ବ୍ୟକ୍ତରୁ ଅବ୍ୟକ୍ତ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଗଣନାରେ ଦିନ, ମାସ, ବର୍ଷର ସଂକୀର୍ଣ୍ଣ ହିସାବ ରଖି ମଣିଷ ଦୁଃଖୀ ହୋଇଥାଏ । ବସ୍ତୁତଃ ଯେତେବେଳେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ନାହିଁ, ଏହା ଫୁବୀର ସ୍ଥିତି ଓ ଗତିର ପରିଣତି ମାତ୍ର, ସେତେବେଳେ ଆମେ ଏକ ଅନନ୍ତ ଜୀବନ ଯାତ୍ରାକୁ ବରଣ କରିଛେ । ଏହା ମହାଯାତ୍ରା ଏକ ସଂପୂର୍ଣ୍ଣ ଜୀବନର କାହାଣୀ । ଏକ ନିତ୍ୟ ଉଦୟର ଲୀଳା । ଏକ ସଫଳ ଓ ସଂପୂର୍ଣ୍ଣ ଜୀବନର ମହାକାବ୍ୟ । ପୂର୍ଣ୍ଣତାରୁ ପୂର୍ଣ୍ଣକୁ ନେଲେ କ'ଣ ପୂର୍ଣ୍ଣତାର ପରିସମାପ୍ତି ଘଟେ ? ଗ୍ରୀକ୍ ଦାର୍ଶନିକ ପ୍ରୋଟିନସ ତାଙ୍କ 'ଇନିଆଡ୍'ରେ ବି ଏହି ତତ୍ତ୍ୱର ଉତ୍‌ଥାପନ କରିଛନ୍ତି । ଯେପରି ସ୍ୱତଃ ନିସ୍ୟନ୍ଦିନୀ ପ୍ରସ୍ରବଣ ତା'ର ସମସ୍ତ ପ୍ରବାହକୁ ନଦୀଗର୍ଭରେ ଢାଳି ଦେଇ ମଧ ନିଃଶେଷ ହୁଏନା, ଯେତିକି ସେତିକି ରହେ, ସେହିପରି ଅନୁକ୍ଷଣ ବହମାନ ଏ ଜୀବନ ନିର୍ଝରିଣୀ । ଜନ୍ମ-ମୃତ୍ୟୁ କେବଳ ବସ୍ତ୍ର ବଦଳେଇବା ଭଳି ଏକ ପ୍ରକ୍ରିୟା । ମାତ୍ର ଅଠର ବର୍ଷର ଯୁବକ ଖୁଦିରାମ ବୋଷ । ଦେଶ ପାଇଁ କ୍ରାନ୍ତିକାରୀ କାର୍ଯ୍ୟ କରି ହସି ହସି ଫାଶିଖୁଣ୍ଟରେ ଝୁଲିଥିଲେ । ଫାଶୀ ଦେବା ପୂର୍ବରୁ ବ୍ରିଟିଶ୍ ଜେଲ ଅଧୀକ୍ଷକ ଖୁଦିରାମଙ୍କୁ ପ୍ରଶ୍ନ କଲେ–'ମାତ୍ର ଅଠର ବର୍ଷର ଯୁବକ ତୁମେ, ଆଗକୁ ଲମ୍ବା ଭବିଷ୍ୟତ ପଡ଼ିଛି, ଅଥଚ ଫାଶିଖୁଣ୍ଟିକୁ ଯିବା ବେଳେ ଭୟଭୀତ ହେବା ପରିବର୍ତ୍ତେ ଆହ୍ଲାଦିତ ହେଉଛ କିପରି ? ଖୁଦିରାମ କହିଲେ– ମୁଁ ଶରୀର ନୁହେଁ, ମୁଁ ଆତ୍ମା । ମୁଁ ଜାଣେ ଆତ୍ମାର ମୃତ୍ୟୁ ନାହିଁ । ଇଂରେଜ କବି ଜନ୍‌ଡନ୍ ତାଙ୍କ କାଳଜୟୀ କବିତା 'ଡେଥ୍ ବି ନଟ୍ ପ୍ରାଇଡ୍'ରେ ମୃତ୍ୟୁକୁ ଯେପରି ଭାବେ ଅପଦସ୍ଥ କରିଛନ୍ତି, ତା'ର ତୁଳନା ନାହିଁ । ସେ କହିଛନ୍ତି– ହେ ମୃତ୍ୟୁ ! ତୋର ଅହଂକାର ମୂଲ୍ୟହୀନ । ଦେଖ୍ ! ତୁ ଯେଉଁ ସ୍ଥୂଳ କ୍ଷଣଭଙ୍ଗୁର ଶରୀରକୁ କବଳିତ କରୁ, ସେଥିରେ ତୋ'ର କିଛି ବାହାଦୁରି ନାହିଁ । ସ୍ଥୂଳଶରୀର ଧ୍ୱଂସରେ ଆମେ ଯେତେବେଳେ ମୁକ୍ତି ମାର୍ଗର ପାବଚ୍ଛ ଆରୋହଣ କରୁ ଏବଂ ମୁକ୍ତ ଆତ୍ମା ଆଲୋକ ରାଜ୍ୟରେ ବିଚରଣ କରେ, ସେହି ମୃତ୍ୟୁ ନିଜେ ହିଁ ମୃତ୍ୟୁବରଣ କରେ । ବସ୍ତୁତଃ ମୃତ୍ୟୁ ଲଭେ ଏ କ୍ଷଣଭଙ୍ଗୁର ଶରୀର । ମନ, ବୁଦ୍ଧି ଓ ଅହଂକାର ଇତ୍ୟାଦି ଉପାଧର ବିଲୋପ ଘଟେ । କିନ୍ତୁ ଅନନ୍ତଜୀବନ ପ୍ରାପ୍ତିରେ ଆମେ ଉର୍ଜସ୍ୱଳ ହୋଇଉଠୁ । ମୋହଗ୍ରସ୍ତ ପାର୍ଥିବ ଜୀବନର ସ୍ୱପ୍ନଭଙ୍ଗ ହୁଏ ଏବଂ ଆତ୍ମରୂପରେ ଆମେ ନିଜକୁ ଆବିଷ୍କାର କରୁ ।

ବାସ୍ତବରେ ମୃତ୍ୟୁହୀନ ଏ ଜୀବନ । କାରଣ ଚେତନାର ବିନାଶ ନାହିଁ । ପଦ୍ମପତ୍ରରେ ଜଳ ଭଳି ସଦା ଢଳ ଢଳ ଏ ଜୀବନ । ମଣିଷ ଏଯାଏଁ ନିଜକୁ ଚିହ୍ନିନାହିଁ । ତେଣୁ ସେ ନିଜକୁ ହିଁ ଖୋଜିବୁଲୁଛି ଜୀବନ ପରେ ଜୀବନ ବା ଜନ୍ମ ପରେ ଜନ୍ମ । ସ୍ଫିଙ୍କସ୍ ବା ସିଂହାସୁରୀର କାହାଣୀ । ସେ ଅଦ୍ଭୁତ ପ୍ରାଣୀ ପର୍ବତ ଶିଖରରେ ଥାଇ ପଥଚାରୀକୁ ପ୍ରଶ୍ନ କରେ – 'କେଉଁ ଜୀବ ସକାଳେ ଚାରିପାଦରେ, ଦିନବେଳେ ଦୁଇପାଦରେ ଓ ସନ୍ଧ୍ୟାରେ ତିନିପାଦରେ ଚାଲେ ? ଏ ପ୍ରଶ୍ନର ଉତ୍ତର କେହି ଦେଇପାରନ୍ତି ନାହିଁ । ସୂର୍ଯ୍ୟ ଅସ୍ତଯାଏ । ସିଂହାସୁରୀ ପଥକକୁ ମାରିପକାଏ । ଦିନେ ସେହି ଭୟଙ୍କର ପଥ ଦେଇ ଯାତ୍ରା କରୁଥିଲେ ମହାବୀର ଓଡ଼ିପାସ୍ । ସିଂହାସୁରୀ ଓଡ଼ିପାସ୍‌ଙ୍କୁ ସେହି ପ୍ରଶ୍ନ କରନ୍ତେ ସେ ଜବାବ ଦେଲେ – 'ତମର ପ୍ରଶ୍ନର ଉତ୍ତର 'ମୁଁ ସ୍ୱୟଂ' । ଜିତ ଅର୍ଥାତ୍ ମୁଁ ମଣିଷ ଜୀବନ ପ୍ରଭାତରେ ଦୁଇ ଗୋଡ଼ ଓ ଦୁଇହାତ ଯୋଗେ ହାମୁଡ଼ି ହାମୁଡ଼ି ଚାଲେ, ଦିନବେଳେ ଅର୍ଥାତ୍ ବୟସ ବଢ଼ିଲେ ଦୁଇଗୋଡ଼ରେ ଚାଲେ ଏବଂ ଜୀବନ ସନ୍ଧ୍ୟାରେ ଏକ ଯଷ୍ଟିର ଦ୍ୱିଜ ଆଶ୍ରୟ ସହ ଅର୍ଥାତ୍ ତିନିଗୋଡ଼ରେ ଚାଲେ । ଓଡ଼ିପାସ୍‌ଙ୍କ ଏ ଉତ୍ତର ଶୁଣିବା ମାତ୍ରେ ସିଂହାସୁରୀ ତାହ ପର୍ବତ ଶିଖରରୁ ଡେଇଁ ପଡ଼ି ମୃତ୍ୟୁବରଣ କଲା । ଏ କଥାର ମର୍ମ ହେଲା– ମଣିଷ ମରେ, ଯେହେତୁ ସେ ନିଜକୁ ଜାଣେନା । ଯେଉଁ ଦିନ ସେ ନିଜକୁ ଜାଣିବ, ସେହିଦିନ ମୃତ୍ୟୁ ହିଁ ମୃତ୍ୟୁବରଣ କରିବ । ଯିଏ ଆତ୍ମାରେ ବାସକରେ, ସେ ହିଁ କାଠ ଅମର । ଆତ୍ମାର ଉପଲବ୍ଧି ହିଁ ଅମରତ୍ୱର ଉପଲବ୍ଧି । ମୁଁ ଅମୃତ । ମୁଁ ଅମୃତ । ସ୍ୱଭାବ କବି ଗଙ୍ଗାଧରଙ୍କ ଭାଷାରେ ମୁଁ ତ ଅମୃତସାଗର ବିନ୍ଦୁ, ନଭେ ଉଠିଥିଲି ତେଜି ସିନ୍ଧୁ... । ଏଣୁ ଆସନ୍ତୁ ନିଜେ ନିଜକୁ ଚିହ୍ନିବା । ଆପଣା ଭିତରେ ଥିବା ମହାନ୍ ଅବସ୍ଥିତିକୁ ଅନୁଭବ କରିବା ।

## ଆଜିର ଚିନ୍ତନ

ଆଶ୍ଚର୍ଯ୍ୟ, ଆତଙ୍କ ଓ ବିପଦରେ ଉପୁଜୁଥିବା ଆଶଙ୍କାର ଯନ୍ତ୍ରଣାଦାୟକ ଉତ୍ତେଜନା ହିଁ ଭୟ । ଭୟ ହେଉଛି ସବୁଠାରୁ ସାଧାରଣ ଶବ୍ଦ ଏବଂ ଏହାର ଅର୍ଥ ହେଉଛି ଚିନ୍ତା । ସାଧାରଣତଃ କହିବାକୁ ଗଲେ, ସାହସ ଓ ଧୈର୍ଯ୍ୟ ହରାଇବା । ଭୟକୁ ପ୍ରାୟ ନକାରାତ୍ମକ ଭାବରେ ଚିତ୍ରିତ କରାଯାଏ । ବାସ୍ତବରେ ତାହା ନୁହେଁ, କାରଣ ଏହା ପ୍ରେମର ଏକ ରୂପ । ଯେମିତିକି ଯେକୌଣସି କଥା ଆରମ୍ଭ କଲେ ଆମେ ଭଲ ପାଇବାଟାକୁ ପ୍ରେମ ସହିତ ଯୋଡ଼ିଥାଉ । ଠିକ୍ ସେହିପରି ପ୍ରତ୍ୟେକ କଥାକୁ ବର୍ଣ୍ଣନା କରାଗଲା, କାମ କଲାବେଳେ ଆମେ ତାକୁ ଭୟ ସହିତ ଯୋଡ଼ିବା ଉଚିତ୍ । ଯଦି ଆମେ ଦେଖିବା ପିଲାଟି ଭୟରେ ନିଜ ମାଆ କୋଳରେ ଲୁଚି ଯାଉଛି, ଅର୍ଥାତ୍ ଶିଶୁଟି ମାଆକୁ ବହୁତ ଭଲପାଉଛି । ସେହି ପ୍ରେମବଶତଃ ଏବଂ ଭୟ କାରଣରୁ ସେ ମାଆ କୋଳରେ ଲୁଚି ଯାଉଛି । ମନୁଷ୍ୟ ଭିତରେ ଭୟର ଆଦିମ ପ୍ରବୃତ୍ତି ରହିଛି । କିନ୍ତୁ ତାହା ଦିବ୍ୟ ପ୍ରେମଜ୍ଞାନ ଦ୍ୱାରା ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇପାରେ । ଭୟ ହେଉଛି ଅତୀତର ସଙ୍କେତ, ଯାହା ବର୍ତ୍ତମାନ ଠାରେ ଭବିଷ୍ୟତର ସୂଚନା ପ୍ରଦାନ କରୁଅଛି । ଯେତେବେଳେ ଲୋକମାନେ ଭୟକୁ ସ୍ୱୀକାର କରନ୍ତି ନାହିଁ, ସେତେବେଳେ ଅହଂକାରୀ ହୋଇଯାଆନ୍ତି ।

ଯେତେବେଳେ ସେମାନେ ଭୟକୁ ବୁଝନ୍ତି ଜାଣନ୍ତି ଅନୁଭବ ଗ୍ରହଣ କରନ୍ତି, ସେତେବେଳେ ସେଥିରୁ ମୁକ୍ତି ପାଇଯାଆନ୍ତି । ତୁମେ ସମ୍ପୂର୍ଣ୍ଣ ନିର୍ଭୟ । ତୁମେ ସମ୍ପୂର୍ଣ୍ଣ ଶୃଙ୍ଖଳିତ । କେବେ ସାଧୁ ସନ୍ଥ ଓ ମୂର୍ଖକୁ ଭୟ ନଥାଏ । ଏମାନଙ୍କ ବ୍ୟତୀତ ଆଉ ସମସ୍ତଙ୍କର ଭୟ ରହିଛି । ସଂସାରକୁ ଶୃଙ୍ଖଳିତ, ବ୍ୟବସ୍ଥିତ ରଖିବା ପାଇଁ ଭୟ ଜରୁରି । ଭୟ ହେଉଛି ମୌଳିକ ପ୍ରବୃତ୍ତି । ମୃତ୍ୟୁର ଭୟ ଜୀବନକୁ ସୁରକ୍ଷିତ କରେ । ଭୁଲ୍‌ର ଭୟ ମନୁଷ୍ୟକୁ ସଠିକ୍ ମାର୍ଗରେ ନେଇଯାଏ । ରୋଗର ଭୟ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରେ । ଦୁଃଖର ଭୟ ତୁମକୁ ଧାର୍ମିକତା ପଥରେ ଅଗ୍ରସର କରାଇଥାଏ । ଶିଶୁ ମନରେ ସାମାନ୍ୟ ଭୟ ରହିଥାଏ, ଯାହା ତାକୁ ଚାଲିବାରେ ସତର୍କ ଓ ସାବଧାନ ରଖିଥାଏ । ଟିକିଏ ଭୟ ନିତାନ୍ତ ଜରୁରୀ । ଭୟ ଦ୍ୱାରା ସଂସାରର ସମସ୍ତ ଜିନିଷ ଠିକ୍‌ଠାକ୍ ଚାଲିପାରିବ । ତେଣୁ ଭୟ ଦୂର କରିବାକୁ ଚେଷ୍ଟା କରନ୍ତୁ ନାହିଁ । କେବଳ ଧାନ ଦିଅନ୍ତୁ ଏବଂ ଜାଣିବାକୁ ଚେଷ୍ଟା କରନ୍ତୁ, ଭୟ କେହି ନୁହେଁ କି କୌଣସି ଏକ ନିର୍ଦ୍ଦିଷ୍ଟ ଶକ୍ତି ନୁହେଁ । ଏହା ଆମ ଉନ୍ନତିର ଏବଂ ସତ୍ ମାର୍ଗରେ ବାଟ ଦେଖାଇବାର ଏକ ଶଗଡ଼ ଗୁଳା ।

## ସତରେ କଣ ଈଶ୍ୱର ...

(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଅନୁରୂପ ଭାବେ ଉତ୍ସାହ, ପ୍ରେରଣା ଇତ୍ୟାଦି ଈଶ୍ୱରୀୟ ପ୍ରେରଣା ମଣିଷକୁ ଠିକ୍ ବାଟରେ ନିଏ । ଭଲକାମ କରିବାର ରାସ୍ତା ଦେଖାଏ । ଲଜ୍ଜ୍ୟା, ଭୟ, ଉତ୍ସାହ, ପ୍ରେରଣା ଇତ୍ୟାଦି ମଣିଷର ଅନ୍ତଃକରଣକୁ ଆଲୋକିତ କରେ , ଭୁଲ୍ କାମରୁ ନିବୃତ୍ତ କରାଏ ।

ତେବେ ଏଇଠି ପ୍ରଶ୍ନ ଉଠେ , ଆମେ ଏସବୁ କେବେ ଏବଂ କିପରି ବୁଝିବା ? ସମସ୍ତଙ୍କ ପାଖରେ ବିଭୁଦତ୍ତ ବେଦଜ୍ଞାନ ଅପ୍ରକଟ ଅବସ୍ଥାରେ ଥାଏ । ତାକୁ ବୁଝିବାକୁ ହେଲେ ସାଧନା ଆବଶ୍ୟକ । ସାଧନାରୁ ସିଦ୍ଧି ଏବଂ ସିଦ୍ଧିରୁ ଭଲମନ୍ଦ ବିଚାର କରିବାର କ୍ଷମତା ଜାତ ହୁଏ । ତେଣୁ ସମସ୍ତ କାମ ପଛରେ କେବଳ ଈଶ୍ୱରଙ୍କ ଇଚ୍ଛା ଅଛି ଭାବିବା ନିରାଧାର ଓ ଅଯୌକ୍ତିକ ନୁହେଁ କି ?

ବିଶ୍ରବାପୁତ୍ର ରାକ୍ଷସରାଜା ରାବଣ ଓ ଧୃତରାଷ୍ଟ୍ର ପୁତ୍ର ଦୁର୍ଯ୍ୟୋଧନ ପାଖରେ ବିରାଟସେନା ଓ ଯୁଦ୍ଧନିପୁଣ ରଥୀ ମହାରଥୀ ଉପଲବ୍ଧ ଥିଲେ । ତଥାପି ରାବଣ ଶୁକ ଓ ସାରଣ ନାମକ ଗୁପ୍ତଚରଙ୍କୁ ରାମସେନାର ବଳ ଆକଳନ ପାଇଁ ପଠେଇ ଥିଲା । ଅନୁରୂପ ଭାବେ ଦୁର୍ଯ୍ୟୋଧନ ନାରାୟଣୀ ସେନା ପ୍ରାପ୍ତି ଆଶାରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇଥିଲା । ଭୟ ଓ ଆଶଙ୍କା ହେଉଛି ଏହାର ମୂଳ କାରଣ । ଅତ୍ୟନ୍ତ ବଳଶାଳୀ ସମ୍ରାଟ ମଧ ଅନ୍ୟାୟ କାର୍ଯ୍ୟ କଲେ ତା'ର ମନରେ ସ୍ୱାଭାବିକ ଭୟ ଜାତ ହୁଏ । ସେ ଦୁର୍ବଳ ଓ ନିଃସଙ୍ଗ ଅନୁଭବ କରେ । ଭୟ ଓ ଦୁର୍ବଳତାକୁ ଯିଏ ଅନ୍ତଃକରଣରେ ଠିକ୍ ବିଚାର କରେ ସେ ଅପକର୍ମରୁ ଅପସରି ଯାଏ । ଅନ୍ୟଥା ମିଥ୍ୟା ଅଭିମାନର ବଶବର୍ତ୍ତୀ ହୋଇ ବିନାଶକୁ ଆମନ୍ତ୍ରଣ କରିଥାଏ ।

ଅନ୍ୟପଟରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ପାଖରେ ସ୍ୱର୍ଣ୍ଣମୟୀ ଲଙ୍କା ସହିତ ରାବଣ ଏବଂ କୁରୁବଂଶ ଧ୍ୱଂସ କରିବାର କ୍ଷମତା ଥିଲେ ମଧ ସେମାନେ ମର୍ଯ୍ୟାଦାର ସୀମାରେଖା ଉଲ୍ଲଂଘନ କରି ନ ଥିଲେ । ସତ୍ୟ ଓ ଧର୍ମ ପଥର ଅନୁଗାମୀ ହୋଇଥିଲେ । ଅନ୍ୟାୟ ବିରୁଦ୍ଧରେ ଲଢ଼ିଥିଲେ । ଅନ୍ୟର ଶକ୍ତି ଓ ସାମର୍ଥ୍ୟକୁ ସମ୍ମାନ ଦେଉଥିଲେ । ଅହଂକାର ଓ ଆତ୍ମବଡିମା ପ୍ରତିହତ ପାଇଁ ପ୍ରେରଣା ଯୋଗାଉଥିଲେ ।

ଅନ୍ୟ କେତେକ ଦୃଷ୍ଟାନ୍ତ ବିଷୟବସ୍ତୁକୁ ଅଧିକ ସ୍ପଷ୍ଟ ଓ ସରଳ କରିବାରେ ସାହାଯ୍ୟ କରିବ । ଭଗବାନ ଗହମ ତିଆରି କରନ୍ତି । ରୁଟି ଆମେ ତିଆରି କରୁ । କିନ୍ତୁ ରୁଟି ତିଆରି କରିବାକୁ ହେଲେ ପ୍ରଥମେ ଗହମରୁ ଅଟା ଏବଂ ପରେ ଅଟାରୁ ରୁଟି ପ୍ରସ୍ତୁତ କରିବାକୁ ପଡିଥାଏ । ସିଧାସଳଖ ଗହମରୁ ରୁଟି ତିଆରି କରିହେବ ନାହିଁ । ପ୍ରକୃତି କର୍ତ୍ତୃକ ଗହମ ଉତ୍ପନ୍ନ କରାଇବା ପାଇଁ ଈଶ୍ୱର ଯେମିତି ସ୍ୱତନ୍ତ୍ର, ରୁଟି ତିଆରି କରିବା ପାଇଁ ମଣିଷ ସେମିତି ସ୍ୱତନ୍ତ୍ର । କିନ୍ତୁ ରୁଟି ପୋଡ଼ିଗଲେ କିମ୍ବା ଟାଣ ହୋଇଗଲେ ପୋଡା ଓ ଟାଣ ରୁଟି ମୋ ଭାଗ୍ୟରେ ଖାଇବାର ଥିଲା କହିବା କେତେଦୂର ଯୁକ୍ତିଯୁକ୍ତ ? ପୁଣି ଯଦି ରୁଟି ତିଆରି କରି କୌଣସି କାରଣରୁ ଜଣେ ଉପବାସରେ ରହିବ ଏବଂ କହିବ ଯେ , ଆଜି ମୋ ଭାଗ୍ୟରେ ଖାଇବାର ନ ଥିଲା ତେବେ ତାହା ପ୍ରାସଙ୍ଗିକ ହେବ ତ ?

ସନ୍ତାନ ପ୍ରଦାନ କରିବା ଈଶ୍ୱରଙ୍କ କାମ । କିନ୍ତୁ ତାକୁ ଉତ୍ତମ ମଣିଷ କରିବା ପିତାମାତାଙ୍କର କାମ । ଉପଯୁକ୍ତ ଲାଳନପାଳନ, ଶିକ୍ଷା, ସଂସ୍କାର ଓ ବାତାବରଣ ଯୋଗାଇବା ପିତାମାତାଙ୍କର କର୍ତ୍ତବ୍ୟ । ଏସବୁ ନ କରି ସନ୍ତାନ ପଥଭ୍ରଷ୍ଟ ହେଲେ ଭଗବାନ୍ ମୋ ଭାଗ୍ୟରେ ଏମିତି ଏକ ଅଯୋଗ୍ୟ ସନ୍ତାନ କାହିଁକି ଦେଲେ ମୋତେ ନିଃସନ୍ତାନ କରିଥିଲେ ଭଲ ହେଇଥାନ୍ତା ବୋଲି କହିବା କେତେ ଦୂର ଯଥାର୍ଥ ? ପ୍ରକୃତରେ ଈଶ୍ୱର ମଣିଷକୁ ନିଜ କାମ କରିବାକୁ ଉଭୟ କ୍ଷମତା ଓ ପୂର୍ଣ୍ଣ ସ୍ୱତନ୍ତ୍ରତା ପ୍ରଦାନ କରିଥାନ୍ତି । ମଣିଷ ନିଜର ବିଶେଷ ଗୁଣ ବିସ୍ମରଣ କରି ବିପରୀତ କାମ କରି ବସେ । କଷ୍ଟ କିମ୍ବା ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ ଏହା ମୋ ଭାଗ୍ୟରେ ଥିଲା କହି ଭାଗ୍ୟକୁ ନିନ୍ଦା କରେ । "କରିକରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ" 'ଭାଗବତର ଏହି ଉକ୍ତିକୁ କଦର୍ଥ କରେ । ପ୍ରତ୍ୟେକ କାମ ଈଶ୍ୱର କରନ୍ତି କିମ୍ବା କରାନ୍ତି ବୋଲି ନିଶ୍ଚୟ କରିନିଏ । ପରନ୍ତୁ ଏପରି ବିଚାର କେତେଦୂର ଠିକ୍ ଓ ଗ୍ରହଣୀୟ ? ଶ୍ରୀମଦ୍‌ଭଗବତ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇ କହିଛନ୍ତି 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ' ଅର୍ଥାତ୍ ତୁମେ କର୍ମ କରିଚାଲ, ଫଳ ଉପରେ ଆଶା ରଖନାହିଁ । ଫଳ ଆପେ ଆପେ ମିଳିବ । ଈଶ୍ୱର କେବେ ମଧ ଅପକର୍ମ କରନ୍ତି ନାହିଁ କିମ୍ବା କରିବାକୁ ପ୍ରେରଣା ଦିଅନ୍ତି ନାହିଁ । ତେଣୁ ଦୁନିଆଁରେ ସବୁ ଈଶ୍ୱର ହିଁ କରନ୍ତି କିମ୍ବା କରାନ୍ତି କହିବା କେତେଦୂର ଯୁକ୍ତିସଙ୍ଗତ ? ନିମ୍ବ ଗଛ ରୋପଣ କରି ସେଥିରୁ ଆମ୍ବ ଆଶା କରିବା ଏବଂ ଆମ୍ବ ନ ମିଳିଲେ ନିମ୍ବ ଗଛକୁ ଦୋଷ ଦେବା କେତେଦୂର ଯଥାର୍ଥ ?

**ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ,**
**ମହାନଦୀ ବିହାର, ଭତରା, ସମ୍ବଲପୁର**

ବର୍ଷ ୨୮, ସଂଖ୍ୟା - ୨୨, ୦୨ - ୮ ଜୁନ୍ ୨୦୨୪

# କମ୍ ମତଦାନର କାରଣ କ'ଣ ?

**ଭା**ରତୀୟଙ୍କ ପାଇଁ ନିର୍ବାଚନ ହେଉଛି ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଥିବା ଦୃଷ୍ଟିକୋଣର ପ୍ରତିଫଳନ କିନ୍ତୁ ଦୀର୍ଘ ଦୁଇ ଦଶନ୍ଧି ଧରି ନିର୍ବାଚନରେ ଭୋଟରଙ୍କ କମ୍ ମତଦାନ ଉଭୟ ରାଜନୈତିକ ଦଳ ଓ ନିର୍ବାଚନ ଆୟୋଗଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ପ୍ରାଥମିକ ତଥ୍ୟ ଅନୁଯାୟୀ, ୨୦୨୪ ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ସର୍ବଭାରତୀୟ ସ୍ତରରେ ୬୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିବା ବେଳେ ଆମ ରାଜ୍ୟ ଓଡ଼ିଶାରେ ୭୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ନିର୍ବାଚନ ଆୟୋଗ ଆଧାରିତ ରିପୋର୍ଟ ଅନୁଯାୟୀ ସଦ୍ୟ ସମାପ୍ତ ଲୋକସଭା ନିର୍ବାଚନର ପ୍ରଥମ ତିନିଟି ପର୍ଯ୍ୟାୟରେ ପାଖାପାଖି ୬୫ ପ୍ରତିଶତ ମତଦାନ ହୋଇଛି ।

ମତଦାନକୁ ଗଣତନ୍ତ୍ରର ସ୍ତମ୍ଭ ଭାବରେ ଗ୍ରହଣ କରାଯାଏ । ଭୋଟ୍ ଦେବା କେବଳ ଗଣତାନ୍ତ୍ରିକ ଅଧିକାର ନୁହେଁ ବରଂ ଏକ ସାଂବିଧାନିକ କର୍ତ୍ତବ୍ୟ । କିନ୍ତୁ ଭାରତରେ ସବୁ ଯୋଗ୍ୟ ନାଗରିକ ମତଦାନ କରନ୍ତି ନାହିଁ । ଏକ ରିପୋର୍ଟ ଅନୁଯାୟୀ ୨୦୧୯ ଲୋକସଭା ନିର୍ବାଚନରେ ପ୍ରାୟ ୨୯.୭ କୋଟି ଯୋଗ୍ୟ ଭୋଟର ଭୋଟ୍ ଦେଇନଥିଲେ । ଐତିହାସିକ ଦୃଷ୍ଟିରୁ ଭାରତରେ ମତଦାନ ହାର ସାମାଜିକ-ଅର୍ଥନୈତିକ ସ୍ଥିତି, ଶିକ୍ଷା ସ୍ତର, ସହରୀକରଣ ଓ ନିର୍ବାଚନର ପ୍ରକୃତି ଭଳି କାରଣ ଦ୍ୱାରା ପ୍ରଭାବିତ । ଏହା ବ୍ୟତୀତ ମତଦାନ ହାର କମ୍ ହେବାର ଅନ୍ୟ କେତେକ କାରଣ ରହିଛି । ଯେପରିକି ଅନେକ ଭୋଟରଙ୍କର ରାଜନୀତି ପ୍ରତି ଆଗ୍ରହ ରହୁନଥିବା ବେଳେ କେହି କେହି ନିଜ ଭୋଟକୁ ଗୁରୁତ୍ୱ ଦେଉନାହାନ୍ତି । ଆଉ କିଛି ଭୋଟର୍ ନିର୍ବାଚନର ପରିସ୍ଥିତିକୁ ନାପସନ୍ଦ କରୁଛନ୍ତି । ଅନେକଙ୍କ ପାଇଁ ମତଦାନ ନକରିବା ଏକ ନୀତିଗତ ନିଷ୍କ୍ରିୟ ପ୍ରତିରୋଧ (ପ୍ୟାସିଭ୍ ରେଜିଷ୍ଟାନ୍ସ) ବା ସତ୍ୟାଗ୍ରହ ।

୨୦୨୪ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ବେଙ୍ଗାଲୁରୁ ଓ ଚତୁର୍ଥ ପର୍ଯ୍ୟାୟରେ ପୁଣେ ଭଳି ସହରରେ ମତଦାନ ହାର ବହୁତ କମ୍ ଥିଲା । ଭାରତର ମୁଖ୍ୟ ନିର୍ବାଚନ କମିସନରଙ୍କ ମତରେ ମହାନଗର ଓ ସହରରେ କମ୍ ମତଦାନ ପାଇଁ ସହରାଞ୍ଚଳ ଉଦାସୀନତା ଦାୟୀ । ବିବିଧତା ଓ ପ୍ରଗତିର ଜୀବନ୍ତ କେନ୍ଦ୍ର ଭାବରେ ପରିଚିତ ଭାରତର ପ୍ରମୁଖ ସହରଗୁଡ଼ିକ ପୌର, ବିଧାନସଭା ଓ ସଂସଦୀୟ ନିର୍ବାଚନରେ କମ୍ ମତଦାନ ସହିତ କ୍ରମାଗତ ଭାବରେ ସଂଘର୍ଷ କରୁଛନ୍ତି । ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବ୍ରହ୍ମପୁର ଅପେକ୍ଷା ନବରଙ୍ଗପୁରରେ ମତଦାନ ହାର ଅଧିକ ଥିଲା । ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ୨୦୧୯ ନିର୍ବାଚନରେ ଦେଶବ୍ୟାପୀ ସର୍ବନିମ୍ନ ମତଦାନ ହୋଇଥିବା ୫୦ଟି ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ୧୭ଟି ମହାନଗର ବା ପ୍ରମୁଖ ସହରାଞ୍ଚଳରେ ରହିଛି । ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ମହାନଗରର ଭୋଟରମାନେ ମତଦାନ ଦିନ ସେମାନଙ୍କର ନାଗରିକ କର୍ତ୍ତବ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ଛୁଟି କଟାଇବାକୁ ପସନ୍ଦ କରନ୍ତି । ଏହାବ୍ୟତୀତ ସହରାଞ୍ଚଳ ଜୀବନଶୈଳୀ ଓ ପ୍ରବାସୀ ଜନସଂଖ୍ୟା ଭୋଟରଙ୍କ ଉଦାସୀନତାକୁ ଆହୁରି ବଢ଼ାଇଦେଇଛି ବୋଲି କିଛି ବୁଦ୍ଧିଜୀବୀ ମତ ରଖନ୍ତି ।

ଭୋଟରଙ୍କ ଚିନ୍ତା ଓ ପ୍ରସଙ୍ଗ ମତଦାନ ହାରରେ ପ୍ରତିଫଳିତ ହୁଏ କି ? ଏହା ଏକ ତାନ୍ତ୍ରିକ ପ୍ରଶ୍ନ ନିକଟରେ ସିଏସ୍‌ଡିଏସ୍-ଲୋକନୀତି ଦ୍ୱାରା ୨୦୨୪ ସାଧାରଣ ନିର୍ବାଚନରେ ଭାରତୀୟ ଭୋଟରଙ୍କ ପ୍ରମୁଖ ଚିନ୍ତା ଉପରେ ସର୍ଭେ କରାଯାଇଥିଲା । ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ବେକାରି ସମସ୍ୟା ୨୭% ଭୋଟରଙ୍କ ଚିନ୍ତା ଭାବେ ପ୍ରଥମ ସ୍ଥାନରେ ରହିଥିବା ବେଳେ ମୁଦ୍ରାସ୍ଫୀତି ୨୩%ଙ୍କ ଚିନ୍ତା ଭାବେ ଦ୍ୱିତୀୟ ସ୍ଥାନରେ ଓ ବିକାଶ ପାଇଁ ଆଗ୍ରହ ୧୩%ଙ୍କ ଚିନ୍ତା ଭାବେ ତୃତୀୟ ସ୍ଥାନରେ ରହିଛି । ଆଶ୍ଚର୍ଯ୍ୟର କଥା ହିନ୍ଦୁତ୍ୱ, ଆରକ୍ଷଣ ଓ ଭାରତର ଆନ୍ତର୍ଜାତିକ ଭାବମୂର୍ତ୍ତିକୁ ନେଇ ମାତ୍ର ୨% ଭୋଟର ଚିନ୍ତା କରୁଛନ୍ତି । ଭାରତରେ ନିର୍ବାଚନୀ ପ୍ରସଙ୍ଗ ଅନେକ । ତେବେ ଭୋଟରଙ୍କ ଚିନ୍ତା ଓ ଆଗ୍ରହ ସବୁବେଳେ ସେମାନଙ୍କ ମତଦାନ ଢାଞ୍ଚାରେ ପ୍ରତିଫଳିତ ହୁଏ ନାହିଁ । ପ୍ରଥମତଃ, ଭୋଟରମାନେ ମତଦାନ କରିବା ସମୟରେ ଅର୍ଥନୈତିକ, ସାମାଜିକ ବା ରାଜନୈତିକ ଦୃଷ୍ଟିକୋଣରୁ ବିଭିନ୍ନ ପ୍ରସଙ୍ଗକୁ ପ୍ରାଥମିକତା ଦେଇଥାନ୍ତି । ଦ୍ୱିତୀୟରେ ଭୋଟରମାନେ ନିର୍ଦ୍ଦିଷ୍ଟ ପ୍ରାର୍ଥୀ ବା ଦଳଗୁଡ଼ିକୁ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଅଧିକ ସକ୍ଷମ ବୋଲି ଭାବିଥାନ୍ତି, ଯଦିଓ ରାଜନୈତିକ ଦଳର ନୀତି ଭୋଟରଙ୍କ ପ୍ରାଥମିକତାଠାରୁ ଭିନ୍ନ । ଏହାବ୍ୟତୀତ ପ୍ରଚାର ରଣନୀତି, ଦଳୀୟ ଆନୁଗତ୍ୟ, ପ୍ରାର୍ଥୀଙ୍କ ଲୋକପ୍ରିୟତା ଓ ଅତୀତର ପ୍ରଦର୍ଶନ ଭଳି ଅନେକ କାରଣକୁ ଭୋଟର୍ ବିଚାର କରନ୍ତି । ତେଣୁ ଭୋଟରଙ୍କ ଚିନ୍ତା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ମତଦାନ ପଦ୍ଧତିକୁ ପ୍ରଭାବିତ କରୁଥିବା ଅନେକ କାରଣ ମଧ୍ୟରୁ ଏହା ଗୋଟିଏ ମାତ୍ର ।

ଏଠାରେ ଉଲ୍ଲେଖ କରିବା ଜରୁରୀ ଯେ ଅଧିକ ମତଦାନକୁ ସାଧାରଣତଃ ସକାରାତ୍ମକ ଭାବରେ ବିବେଚନା କରାଯାଏ, କିନ୍ତୁ ଗଣତନ୍ତ୍ରର ଗୁଣବତ୍ତା କେବଳ ମତଦାନ ସଂଖ୍ୟା ଆଧାରରେ ଆକଳନ କରାଯାଇ ପାରିବ ନାହିଁ । ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଇଲେକ୍ଟୋରାଲ୍ ଆସିଷ୍ଟାସ ଅନୁଯାୟୀ ଗିନି, ରୁଆଣ୍ଡା, ସୋମାଲିଆ, ଆଙ୍ଗୋଲା ଓ ଲାଓସ ଭଳି ଦେଶର ନିର୍ବାଚନରେ ୯୦ ପ୍ରତିଶତରୁ ଅଧିକ ମତଦାନ ହୁଏ । ଅପରପକ୍ଷେ, ଗତ ନିର୍ବାଚନରେ ଆଫଗାନିସ୍ତାନ ଓ ନାଇଜେରିଆରେ ୨୦ ପ୍ରତିଶତରୁ କମ୍ ମତଦାନ ହୋଇଥିଲା । ଯେଉଁ ଦେଶରେ ସର୍ବାଧିକ ମତଦାନ ହୋଇଛି ବା ଯେଉଁ ଦେଶରେ କମ୍ ମତଦାନ ହୋଇଛି, ସେହି ଦେଶଗୁଡ଼ିକ ସୁସ୍ଥ ନିର୍ବାଚନ ବା ଗଣତନ୍ତ୍ରର ପ୍ରତିନିଧିତ୍ୱ କରୁନାହାନ୍ତି । ତେଣୁ କେବଳ ଅଧିକ ମତଦାନ ନୁହେଁ ବରଂ ନିର୍ବାଚନର ନିରପେକ୍ଷତା, ନାଗରିକ ସ୍ୱାଧୀନତାର ସୁରକ୍ଷା ଓ ସରକାରୀ ଅନୁଷ୍ଠାନର ଫଳପ୍ରଦତା ଭଳି ଅନ୍ୟାନ୍ୟ କାରଣ ମଧ୍ୟ ଗଣତନ୍ତ୍ରର ସ୍ୱାସ୍ଥ୍ୟ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।


ଅନ୍ୟ ଏକ ଦିଗ ହେଉଛି ମତଦାନ ହାର ଓ ରାଜନୈତିକ ଦଳର ପ୍ରଦର୍ଶନ ମଧ୍ୟରେ କୌଣସି ସମ୍ପର୍କ ଅଛି କି ? ଏହାର ବିଶ୍ଳେଷଣ ଅତ୍ୟନ୍ତ ଆକର୍ଷଣୀୟ କିନ୍ତୁ ବିଭ୍ରାନ୍ତିକର ହୋଇପାରେ ଏକ ତଥ୍ୟ ଅନୁଯାୟୀ ୫%ରୁ ୬% ଅଧିକ ମତଦାନ ପାଇଁ ବିହାର ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲା । କିନ୍ତୁ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ତଥ୍ୟକୁ ବିଚାରକୁ ନେଇ ଅଧିକ ମତଦାନ ଓ ଦଳୀୟ ବିଜୟ ବା ପରାଜୟ ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ ବୋଲି ପ୍ରଣୟ ରାୟ ଓ ଦୋରା ସୁପାରିୱାଲା 'ଦି ଭରଡିକ୍ଟ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ।

ମତଦାନ ହ୍ରାସ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ ଏହି ସମସ୍ୟାର ସମାଧାନ ପାଇଁ ନିର୍ବାଚନ ଆୟୋଗ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତର ନିର୍ବାଚନ ଆୟୋଗ ବିଭିନ୍ନ ସହରର ମ୍ୟୁନିସିପାଲିଟି କମିସନରଙ୍କ ସହ ପ୍ରଥମ ଥର ପାଇଁ 'କମ୍ ଭୋଟର ମତଦାନ ଉପରେ ସମ୍ମିଳନୀ' ଆୟୋଜନ କରୁଛନ୍ତି । ମତଦାତାଙ୍କ ମତଦାନରେ ଉନ୍ନତି ଆଣିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ 'ଏନକୋର' ନାମରେ ଏକ ଆପ୍ ଓ ମତଦାନ କାର୍ଯ୍ୟକାରୀ ଯୋଜନା ପ୍ରଚଳନ କରିଛନ୍ତି ।

ଏସବୁ ସତ୍ତ୍ୱେ, ମତଦାନ ହାରରେ ଉନ୍ନତି ଆଣିବା ପାଇଁ ସାମାଜିକ ସ୍ତରରେ ଏକ ମତଦାନ ସଂସ୍କୃତି ସୃଷ୍ଟି କରିବାର ଆବଶ୍ୟକତା ଅଛି । ଗଣତାନ୍ତ୍ରିକ ମୂଲ୍ୟବୋଧର ସଂରକ୍ଷଣ ପାଇଁ ମତଦାନ ଏକ ନିରବ ବିପ୍ଳବ । ତେଣୁ ଆମେ ନିଶ୍ଚିତ ଭାବରେ ଭୋଟ ଦେବା ଉଚିତ ।

# ଅହିଂସା ପାଇଁ ତାଲିମ

## ମହାତ୍ମା ଗାନ୍ଧୀ



ଏହି କଠିନ କଳାରେ ଆମେ ବ୍ୟକ୍ତି ଓ ଗୋଷ୍ଠୀମାନଙ୍କୁ କିପରି ଭାବରେ ତାଲିମ ଦେବା ? ଏଥି ପାଇଁ ଏକମାତ୍ର ସର୍ବୋତ୍ତମ ମାର୍ଗ ହେଉଛି ଯେ ତୁମେ ଏହି ମାର୍ଗଟିକୁ ନିଜର ଜୀବନରେ ବଞ୍ଚିବ ଏବଂ ତାହା ହିଁ ଏହି କ୍ଷେତ୍ରରେ ଏକ ଜୀବନ୍ତ ଉପଦେଶ ହୋଇ ରହିବ । ଅବଶ୍ୟ ତାହାକୁ ନିଜର ଜୀବନରେ ରୂପାୟିତ କରିବାକୁ ହେଲେ ତୁମକୁ ଆଗ ଗଭୀର ଅଧ୍ୟୟନ କରିବାକୁ ପଡ଼ିବ, ଅମିତ ଧୈର୍ଯ୍ୟ ଅବଲମ୍ବନ କରିବାକୁ ହେବ । ନିଜ ଭିତରୁ ସକଳ ଅଶୁଦ୍ଧତାକୁ ପରିଷ୍କାର କରି ବାହାର କରିଦେବାକୁ ପଡ଼ିବ । ଜଡ଼ବିଜ୍ଞାନଗୁଡ଼ିକର କ୍ଷେତ୍ରରେ କର୍ତ୍ତୃତ୍ୱ ଲାଭ କରିବା ନିମନ୍ତେ ଯଦି ତୁମକୁ ସମସ୍ତ ଜୀବନକାଳ ଦେବାକୁ ପଡୁଛି, ମନୁଷ୍ୟର ଜ୍ଞାନସୀମା ଭିତରକୁ ଆସିଥିବା ଏହି ବୃହତ୍ତର ଆଧ୍ୟାତ୍ମିକ ଶକ୍ତିକୁ ଅର୍ଜନ କରିବା ଲାଗି କେତେ କେତେ ଜୀବନକାଳ ଆବଶ୍ୟକ ନହେବ ? ମାତ୍ର, ଏକାଧିକ ଜୀବନକାଳର ଆବଶ୍ୟକତା ରହିଥିଲେ ମଧ ସେଥି ପାଇଁ ତୁମେ ଚିନ୍ତା କାହିଁକି କରିବ ? କାରଣ, ଯଦି ଏହା ହିଁ ଜୀବନରେ ଏକମାତ୍ର ଚିରସ୍ଥାୟୀ ସମ୍ପଦ ହୋଇଥାଏ, ଅର୍ଜନ କରିବା ଲାଗି ଯଦି ଏକମାତ୍ର ଉପଯୁକ୍ତ ସମ୍ପଦ ହୋଇଥାଏ, ତେବେ ତାହାକୁ ଅର୍ଜନ କରିବା ନିମନ୍ତେ ତୁମକୁ ଯେତେ ଚେଷ୍ଟା କରିବାକୁ ପଡ଼ିବ, ସେହି ଚେଷ୍ଟାକୁ କେବଳ ସାର୍ଥକ ବୋଲି ହିଁ କୁହାଯିବ । ସର୍ବପ୍ରଥମେ ତୁମେ ସ୍ୱର୍ଗରାଜ୍ୟର ବାସନା ରଖ, ଏବଂ ତା'ହେଲେ ତୁମକୁ ଆଉ ସବୁ କିଛି ମିଳିଯିବ । ଅହିଂସା ହେଉଛି ସେହି ସ୍ୱର୍ଗରାଜ୍ୟ ।

ଅହିଂସାରେ ତାଲିମ ନିମନ୍ତେ ଅସ୍ତ୍ରଶସ୍ତ୍ରର ଆଦୌ କୌଣସି ପ୍ରୟୋଜନ ନାହିଁ । ବସ୍ତୁତଃ, ଯଦି କିଛି ଅସ୍ତ୍ର ପ୍ରକୃତରେ ରହିଥାଏ, ତେବେ ସୀମାନ୍ତ ପ୍ରଦେଶର ଖାଁ ସାହେବଙ୍କ ପରି ସେଗୁଡ଼ିକୁ କାଢ଼ି ଫୋପାଡ଼ି ଦେବାକୁ ହେବ । ଅହିଂସାରେ ଶିକ୍ଷିତ ହେବା ପୂର୍ବରୁ ହିଂସାର ଶିକ୍ଷା କରିବା ଏକାନ୍ତ ଆବଶ୍ୟକ ବୋଲି ଯେଉଁମାନେ ମତ ଦିଅନ୍ତି, ସେମାନେ ତଦ୍ଦ୍ୱାରା ହୁଏତ ମତ ଦିଅନ୍ତି ଯେ, କେବଳ ପାପୀମାନେ ହିଁ ସନ୍ଥ ହୋଇ ପାରିବେ ।

ହିଂସାରେ ତାଲିମ ହେବାକୁ ଯେପରି ହତ୍ୟା କରିବାର କଳାଟିକୁ ଶିଖିବାକୁ ହୁଏ, ସେହିପରି ଅହିଂସାର ତାଲିମରେ ମରିବାର କଳାଟିକୁ ଶିଖିବାକୁ ହୁଏ । ହିଂସା ଲାଗି ସେ ଭୟରୁ ମୁକ୍ତ ହେବାକୁ ହୁଏ, ସେ କଥା ଆଦୌ ନୁହେଁ, ଏଥିରେ ଭୟର କାରଣଟି ସହିତ ଲଢ଼ିବା ପାଇଁ ଉପାୟଗୁଡ଼ିକୁ ଆବିଷ୍କାର କରିବାକୁ ପଡ଼ିଥାଏ । ଅପର ପକ୍ଷରେ, ଅହିଂସା ଲାଗି ଭୟ କରିବାର ଆଦୌ କିଛି ନଥାଏ । ଏଥି ଲାଗି ନିଜର ଭୂସମ୍ପତ୍ତି, ନିଜର ଧନ, ନିଜର ଜୀବନ ହରାଇବାକୁ ପଡ଼ିଲେ ମଧ ସେ ସେଥି ଲାଗି ଖାତିର କରେନାହିଁ । ଯିଏ ନିଜ ଭିତରୁ ଯାବତୀୟ ଭୟକୁ ଦୂର କରି ପାରିନାହିଁ, ସେ କଦାପି ଅହିଂସାର ଅଭ୍ୟାସରେ ପୂର୍ଣ୍ଣ ହୋଇ ପାରିବ ନାହିଁ । ଅହିଂସାର ଉପାସକ କେବଳ ଜଣକୁ ହିଁ ଭୟ କରିବ, ସେ ଈଶ୍ୱରଙ୍କୁ ଭୟ କରୁଥିବ । ଯିଏ ଈଶ୍ୱରଙ୍କ ମଧ୍ୟରେ ଆଶ୍ରୟ ଗ୍ରହଣ କରିବାକୁ ଇଚ୍ଛା କରୁଛି, ତାହାକୁ ଏହି ଶରୀରର ଅତୀତ ହୋଇ ରହିଥିବା ଆତ୍ମାର ଏକ ଝଲକ ଅବଶ୍ୟ ଲାଭ କରିବାକୁ ପଡ଼ିବ ଏବଂ ସେହି ପରମ ଅବିନାଶୀ ଆତ୍ମାର ଝଲକ ମିଳିଯାଇ ପାରିଲେ ତା'ପରେ ଏହି ବିନାଶଶୀଳ ଶରୀର ପ୍ରତି ରହିଥିବା ଆମର ସକଳ ପ୍ରୀତି ଦୂର ହୋଇଯିବ । ଏହିପରିଭାବରେ ଅହିଂସା ଲାଗି ତାଲିମ ହେଉଛି ହିଂସା ଲାଗି ତାଲିମର ସମ୍ପୂର୍ଣ୍ଣ ବିପରୀତ । ବାହ୍ୟ ବସ୍ତୁଗୁଡ଼ିକୁ ରକ୍ଷା କରିବା ପାଇଁ ହିଂସାର ପ୍ରୟୋଜନ ହୋଇଥାଏ ; ଆତ୍ମାର ସୁରକ୍ଷା ଲାଗି ଅହିଂସାର ପ୍ରୟୋଜନ ହୁଏ, ନିଜ ସମ୍ମାନର ରକ୍ଷା ଲାଗି ଅହିଂସାର ପ୍ରୟୋଜନ ହୁଏ ।

ଘରେ ବସି ରହିଥିଲେ ଏହି ଅହିଂସାକୁ ଶିଖି ହୁଏନାହିଁ । ଏଥି ଲାଗି ଉଦ୍ୟମ ଆବଶ୍ୟକ ହୁଏ । ନିଜକୁ ପରୀକ୍ଷା କରିବା ନିମନ୍ତେ ଆମକୁ ବିପଦ ଏବଂ ମୃତ୍ୟୁର ସମ୍ମୁଖୀନ ହୋଇ ଶିଖିବାକୁ ପଡ଼େ, ଶରୀରର ବାସନାକୁ ଆପଣାର ବଶରେ ରଖିବାକୁ ହୁଏ ଏବଂ ଯାବତୀୟ ପ୍ରକାରର କଷ୍ଟକୁ ସହି ପାରିବାର ସାମର୍ଥ୍ୟ ହାସଲ କରିବାକୁ ପଡ଼ିଥାଏ । ଦୁଇଜଣ ବ୍ୟକ୍ତିଙ୍କୁ ଯୁଦ୍ଧ କରୁଥିବାର ଦେଖିଯିଏ ଭୟରେ ଥରିବାକୁ ଆରମ୍ଭ କରେ ଅଥବା ପଳାୟନ କରେ, ସେ କଦାପି ଅହିଂସ ନୁହେଁ । ସିଏ ଭୀରୁ । ଏହିପରି କଳହଗୁଡ଼ିକୁ ବନ୍ଦ କରିବାକୁ ଯାଇ ଜଣେ ଅହିଂସ ବ୍ୟକ୍ତି ଆପଣାର ପ୍ରାଣପାତ କରିଦେବ । ଅହିଂସ ବ୍ୟକ୍ତିର ସାହସ ହିଂସା ଆଚରଣ କରୁଥିବା ବ୍ୟକ୍ତିର ସାହସଠାରୁ ଅନେକ ଉଚ୍ଚତର ସ୍ତରର । ହିଂସାଚାରୀର ସନ୍ତକ ହେଉଛି ତାର ଅସ୍ତ୍ରଶସ୍ତ୍ର- ବର୍ଚ୍ଛା, ତରବାରୀ କିମ୍ବା ବନ୍ଧୁକ । ଈଶ୍ୱର ହେଉଛନ୍ତି ଅହିଂସ ବ୍ୟକ୍ତିର ରକ୍ଷାଢାଲ । ଅହିଂସାର ଶିକ୍ଷା କରିବାକୁ ଇଚ୍ଛା କରୁଥିବା ଜଣେ ବ୍ୟକ୍ତି ଲାଗି ମୁଁ ଏଠାରେ କୌଣସି ପାଠ୍ୟକ୍ରମ ବାନ୍ଧି ଦେଇନାହିଁ । ମାତ୍ର, ଯେଉଁ ଆବଶ୍ୟକତାଗୁଡ଼ିକର କଥା ମୁଁ କହିଛି, ସେଥିରୁ ବେଶ୍ ସହଜରେ ଗୋଟିଏ ପାଠ୍ୟକ୍ରମ ବାହାର କରି ଆଣିହେବ ।

# ପ୍ରତ୍ୟହ ଗୋଟିଏ ଚାମଚ ମେଥିଗୁଣ୍ଡ ଖାଆନ୍ତୁ

**ମେ**ଥି ଦାନାର ବ୍ୟବହାର ଆମେ ସାଧାରଣତଃ ମସଲା ଭାବେ କରିଥାଉ । କିନ୍ତୁ ଏଥିରେ ରହିଥିବା ପ୍ରୋଟିନ୍, ଭିଟାମିନ୍ସ ଏବଂ ପଟାସିୟମ ବହୁ ପ୍ରକାରର ଶାରୀରିକ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ବିଶେଷଜ୍ଞଙ୍କ ମତରେ ଯଦି ପ୍ରତିଦିନ ଆମ ଖାଦ୍ୟରେ ଗୋଟିଏ ଚାମଚ ମେଥିଗୁଣ୍ଡ ଖାଇବା ବହୁ ରୋଗରୁ ରକ୍ଷା ପାଇହେବ । ଏହାକୁ ଖାଇଲେ ଡାଇବେଟିସ୍, ହାର୍ଟ ଡିଜିଜ ଏବଂ ସ୍କିନ୍ ଡିଜିଜ୍ ଭଳି ସମସ୍ୟାକୁ କଣ୍ଟ୍ରୋଲ କରାଯାଇପାରେ । ଡାଇବେଟିସ୍ ରୋଗୀଙ୍କ ପାଇଁ ଗୋଟିଏ ଟି ସ୍ପୁନ୍ ମେଥି ପାଉଡରକୁ ଗୋଟିଏ କପ୍ ପାଣିରେ ଭିଜାଇ ରାତିରେ ନିଅନ୍ତୁ ନିଶ୍ଚିତ ଉପକାର ମିଳିବ । ବଦହଜମୀ ବା ହଜମ ନହେଉଥିଲେ ଅଧ ଚାମଚ ମେଥିଦାନାକୁ ପାଣିରେ ଭିଜାଇ ସେହି ପାଣିପିଇଲେ ଉପକାର ମିଳିଥାଏ । ମେଥିଦାନା ମଧ ଅର୍ଥ୍ରାଇଟିସ୍ ଏବଂ ସାଇଟିକା କଷ୍ଟରୁ ଆରାମ ଦେଇଥାଏ । ଏଥିପାଇଁ ୧ ଗ୍ରାମ ମେଥିଦାନା ପାଉଡର ଏବଂ ଶୁଣ୍ଠି ପାଉଡରକୁ ଅଳ୍ପ ଉଷୁମ ପାଣି ସହିତ ଦିନକୁ ଦୁଇ ତିନିଥର ନିଅନ୍ତୁ ନିଶ୍ଚିତ ଲାଭ ମିଳିବ ।



# ସ୍ୱାସ୍ଥ୍ୟ ଉପକାରୀ କଲରା

**ଆ**ମେ ସମସ୍ତେ ଜାଣିଛେ କଲରାରେ ବହୁ ପରିମାଣର ଭିଟାମିନ୍ ମହଜୁଦ୍ ରହିଥାଏ, ଯାହାଦ୍ୱାରା ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ ଆମକୁ ଅନେକ ପ୍ର ରୋଗରୁ ଉପଶମ ମିଳିଥାଏ ।



**ମଧୁମେହ :** ମଧୁମେହ ହୋଇଥିଲେ ଦୈନିକ ୨୦ ଗ୍ରାମ କଲରା ରସ ସକାଳେ ଖାଲିପେଟରେ ପିଇଲେ ୧ ମାସ ମଧ୍ୟରେ ମୂତ୍ର ଶର୍କରା ଓ ରକ୍ତ ଶର୍କରା ନିୟନ୍ତ୍ରଣ ହୁଏ ।

**ଗଣ୍ଠିବାତ :** କଲରାକୁ ଛାଞ୍ଚି ଏହାର ଶେଷ ଭାଗକୁ ନିଆଁରେ ରଖି ପୋଡିବ । ଶିଝିଗଲାପରେ ଏହାକୁ ବାହାର କରି ଛେଚି ସେଥିରେ ଟିକେ ଚିନି ମିଶାଇ ରୋଗୀଙ୍କୁ ଗରମ ଗରମ ଖୁଆଇ ଦେବେ । ପ୍ରତିଥର ୧୦ ଗ୍ରାମ ଲେଖାଏଁ ଖାଇବାକୁ ଦିଅନ୍ତୁ ।

# ସର୍ବେଦ

**ଦୟା କରେ ସବ ଜୀଓ୍ୱ ପର,**
**ନୀଚ ଉଚ ନହିଁ ଜାନ ।**
**ଦେଖେ ଅନ୍ତର ଆତମା, ତ୍ୟାଗ**
**ଦେହ ଅଭିମାନ ॥୧୨॥**

ଭାଷ୍ୟ - ବ୍ରହ୍ମଙ୍କ ଉଚ୍ଚ ନୀଚ ଭେଦାଭେଦର ବିଚାର ନ କରି ସମସ୍ତ ଜୀବ ପ୍ରତି ଦୟା କରିଥାନ୍ତି ଓ ଦେହର ସମସ୍ତ ଅଭିମାନକୁ ତ୍ୟାଗକରି ଆତ୍ମା ଭିତରେ ପରଂବ୍ରହ୍ମଙ୍କୁ ଦର୍ଶନ କରିଥାନ୍ତି ।

**ପର ଉପକାରୀ ଓ୍ୱିଶ୍ୱ କା, ସର୍ଓ୍ୱ**
**ଦେଶ ସବ ଜାତି ।**
**ସବ କେ ଶୁଭ ଚିନ୍ତକ ରହେଁ,**
**ଦ୍ୱନ୍ଦ୍ୱ ଜାତି ନହିଁ ପାତି ॥୧୩॥**


ଭାଷ୍ୟ - ବ୍ରହ୍ମବିଦ୍ୟା ପ୍ରଚାରକ ସଦ୍‌ଗୁରୁ ବିଶ୍ୱର ସମସ୍ତ ଦେଶ, ଜାତି ନିମନ୍ତେ ମହାନ୍ ଉପକାରୀ ହୋଇଥାନ୍ତି । ସେମାନେ ଜାତି ଅଜାତିର ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱରେ ରହି ସମସ୍ତଙ୍କ ପାଇଁ ଶୁଭଚିନ୍ତକ ହୋଇଥାନ୍ତି ।

**ଦଶା ପୂର୍ଣ୍ଣ ଅଧ୍ୟାତ୍ମ ହୈ, ପୂର୍ଣ୍ଣ**
**ଦର୍ଶ ଜବ ପାୟ ।**
**ବିନା ଦର୍ଶ ଭ୍ରମ କଳ୍ପନା, ମିଥ୍ୟା**
**ଜନ୍ମ ଗଓ୍ୱାୟ ॥୧୪॥**

ଭାଷ୍ୟ - ଅଧ୍ୟାତ୍ମ ବିଦ୍ୟା ଯୋଗ ସମାଧି ଅବସ୍ଥାରେ ଯେତେବେଳେ ବ୍ରହ୍ମର ପୂର୍ଣ୍ଣ ସାକ୍ଷାତ୍‌କାର ହୋଇଯାଏ, ସେତେବେଳେ ଆଧ୍ୟାତ୍ମ ତତ୍ତ୍ୱଜ୍ଞାନ ପୂର୍ଣ୍ଣ ହୋଇଥାଏ ।

**ଜ୍ଞାନ ନ ଜଡ଼ ଚେତନ ଭୟା,**
**ପ୍ରକଟ ନ ରୂପ ଅନନ୍ତ ।**
**ସୋ ଅଧ୍ୟାତ୍ମ ନ ଜାନିୟେ, ଝୂଠା**
**ଭ୍ରମ ଭନନ୍ତ ॥୧୫॥**

ଭାଷ୍ୟ - ଯୋଗ ସମାଧି ବିଜ୍ଞାନ ବିନା ସାକ୍ଷାତ୍‌କାର ହୋଇଥିବା ଜଡ଼ ଚେତନର ଜ୍ଞାନ ହୋଇ ନ ଥାଏ । ଏତଦ୍‌ଭିନ୍ନ ଯେଉଁ ଜ୍ଞାନ ଅଛି, ତାହା ଆଧ୍ୟାତ୍ମ ନୁହେଁ, ଅସତ୍ୟ ଏବଂ




ଅଜ୍ଞାନତା ଅଟେ । ବାଚକ ଜ୍ଞାନୀମାନଙ୍କର ଶବ୍ଦଗୁଡ଼ିକରେ ଧ୍ୟାନ ନ ଦେଇ ସେହି ବଚନକୁ ତ୍ୟାଗ କରି ଆପ୍ତ ସଦ୍‌ଗୁରୁଙ୍କର ବଚନ, ଉପଦେଶକୁ ଗ୍ରହଣ କରି ନିଜ ଜୀବନର ଉତ୍ଥାନ କରନ୍ତୁ । ବାଚକ ଜ୍ଞାନୀମାନଙ୍କର ଅନୁଭବହୀନ ଏବଂ ଭ୍ରମଯୁକ୍ତ, ଅସତ୍ୟ ବଚନକୁ ଶୀଘ୍ର ପରିତ୍ୟାଗ କରନ୍ତୁ । ସଦ୍‌ଗୁରୁ ଆଶ୍ରୀତ ହେଲେ ସମସ୍ତ ତତ୍ତ୍ୱଗୁଡ଼ିକର ବୋଧ ହୋଇଥାଏ ।

**ପୂରଣ ଓ୍ୱେତ୍ତା ବ୍ରହ୍ମ କା, ଅନୁଭଓ୍ୱ**
**ୟୋଗ ସମାଧି ।**
**ତବ ଜୀଓ୍ୱନ ଅଧ୍ୟାତ୍ମ ହୈ,**
**ଅନଭିଗ ରୋଗ ଅସାଧି ॥୧୬॥**

ଭାଷ୍ୟ - ଅନୁଭବ ଯୋଗ ସମାଧି ଦ୍ୱାରା ହିଁ ବ୍ରହ୍ମର ପୂର୍ଣ୍ଣ ଜ୍ଞାନ ହୋଇଥାଏ ଆଉ ସେତେବେଳେ ଜୀବନରେ ଆଧ୍ୟାତ୍ମିକତା ଆସିଯାଏ । ଅନ୍ୟଥା ଅଜ୍ଞାନଯୁକ୍ତ ଜୀବନରୁ ଜନ୍ମ ମରଣ ଦୁଃଖ ଯାଏନାହିଁ ଆଉ ଆତ୍ମା ମଧ୍ୟ ସୁଖ ଶାନ୍ତି ଲାଭ କରିପାରେନାହିଁ ।

**ଜୀଓ୍ୱନ ଜଗ ଆଦର୍ଶ ହୈ, ଓ୍ୱର**
**ଅଧ୍ୟାତ୍ମ ସ୍ୱଭାଓ୍ୱ ।**
**ବିନୁ ଗୁରୁ କୃପା ନ ପାଇୟେ,**
**ତେଜ ପ୍ରତାପ ପ୍ରଭାଓ୍ୱ ॥୧୭॥**

ଭାଷ୍ୟ - ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଜୀବନ ଜଗତର ଆଦର୍ଶ ଅଟେ । ସଦ୍‌ଗୁରୁ କୃପା ବିନା ଆଧ୍ୟାତ୍ମିକ ତେଜ, ପ୍ରତାପ ଓ ପ୍ରଭାବ ପ୍ରାପ୍ତ ହୋଇ ନ ଥାଏ ।

**ଶରଦ ତାପ ଶଶି ସେ ଟଲେ,**
**କଲୁଷ ସନ୍ତ ସେ ଜାୟ ।**
**ପୁଣ୍ୟ ପୂଜ୍ୟ କେ ଉଦୟ ମେଁ,**
**ସନ୍ତ ସମାଗମ ପାୟ ॥୧୮॥**

ଭାଷ୍ୟ - ଯେପରି ଶରତ ଋତୁର ତାପକୁ ଚନ୍ଦ୍ରମା ଦୂର କରିଥାଏ ସେହିପରି ସନ୍ଥ ଦର୍ଶନରୁ ପାପ କ୍ଷୟ ହୋଇଥାଏ ଏବଂ ପୂଣ୍ୟ ସଂଚୟ ହେଲେ ସନ୍ଥ ସାନ୍ନିଧ୍ୟ ପ୍ରାପ୍ତ ହୋଇଥାଏ । ସନ୍ଥ ଦର୍ଶନର ଅତ୍ୟନ୍ତ ମହିମା ଅଛି ।

**ସୁଖ ହୈ ପରମାନନ୍ଦ ହୈ, ଦୁଖ**
**ଛୂଟତ ତ୍ରୟ ତାପ ।**
**ବିନୁ ହରି କୃପା ନ ପାଓ୍ୱଇ,**
**ପୂରଣ ସନ୍ତ ପ୍ରତାପ ॥୧୯॥**

ଭାଷ୍ୟ - ସନ୍ଥଜନ ସୁଖ ଆଉ ପରମାନନ୍ଦ ପ୍ରଦାନ କରିଥାନ୍ତି । ସେମାନଙ୍କର ସତ୍‌ଜ୍ଞାନରୁ ତ୍ରିତାପ ଦୁଖର ନିବୃତ୍ତି ହୋଇଥାଏ । ପ୍ରଭୁଙ୍କର କୃପା ବିନା ଜୀବନରେ ସନ୍ଥର ପୂର୍ଣ୍ଣ ତେଜ, ପ୍ରତାପ ପ୍ରାପ୍ତ ହୋଇ ନ ଥାଏ ।

**ସବ ଓ୍ୱନ ମେଁ ଚନ୍ଦନ ନହାଁ, ମଣି**
**ସବ ଗଜ ନହିଁ ହୋୟ ।**
**ସାଧଓ୍ୱ ନହିଁ ସବ ଦେଶ ମେଁ,**
**ଦୁର୍ଲଭ ଦର୍ଶନ ସୋୟ ॥୨୦॥**

ଭାଷ୍ୟ - ସବୁ ବଣରେ ଚନ୍ଦନ ବୃକ୍ଷ ନ ଥାଏ କିମ୍ବା ସମସ୍ତ ହସ୍ତୀମାନଙ୍କ ଠାରେ ଗଜମୁକ୍ତା, ମଣି ଥାଏ ଯେମିତି ସବୁ ସ୍ଥାନରେ ସନ୍ଥ ନ ଥାନ୍ତି । ସନ୍ଥମାନଙ୍କର ଦର୍ଶନ ଅତ୍ୟନ୍ତ ଦୁର୍ଲଭ ଅଟେ ।

**ଜୀଓ୍ୱ ତାପ ମେଁ ଜଲ ରହେ, ଉର**
**ଧଦକତ ବହୁ ଆଗ ।**
**ଦର୍ଶନ ଶୀତଲ ସନ୍ତ କେ, ବୁଝୀ**
**ଜଲନ୍ତୀ ଆଗ ॥୨୧॥**

ଭାଷ୍ୟ - ଜୀବ ଅନେକ କଷ୍ଟ, ତାପ ଆଉ ଶୋକର ଅଗ୍ନିରେ ଜଳୁଛି ଏବଂ ହୃଦୟରେ ଅନେକ ଆଶା ବାସନା ଆଦିର ଅଗ୍ନି ପ୍ରଜ୍ୱଳିତ ହେଉଛି । ମାତ୍ର ସନ୍ଥଜନଙ୍କର ଦର୍ଶନରେ ଜଳୁଥିବା ଅଗ୍ନି ପ୍ରଶମିତ ହୋଇ ଶୀତଳତା ଏବଂ ଶାନ୍ତି ପ୍ରାପ୍ତି ହୋଇଥାଏ ।

**ଧର୍ମ ଅର୍ଥ ଓ୍ୱହ ଦେତ ହେଁ, ଔର**
**ମୋକ୍ଷ ଦେ କାମ ।**
**ସନ୍ତ କୃପା ତବ ମିଲତ ହୈ,**
**ଅଓ୍ୱିଚଲ ଅନ୍ତର ନାମ ॥୨୨॥**

ଭାଷ୍ୟ - ସନ୍ଥଜନ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଭଳି ଚତୁର୍ବର୍ଗ ଫଳ ପ୍ରଦାନ କରିଥାନ୍ତି । ସେମାନଙ୍କର କୃପାରୁ ସମସ୍ତ ଇଚ୍ଛା ପୂର୍ତ୍ତି ହୋଇଥାଏ ଏବଂ ସ୍ଥିର ସତ୍ୟନାମ ପରମ ପୁରୁଷ ପ୍ରାପ୍ତ ହୋଇଥାନ୍ତି । ସଂସାରର ସମସ୍ତ ବସ୍ତୁ ଚଞ୍ଚଳ ଅଟନ୍ତି, ମାତ୍ର ସତ୍ୟନାମ ସତ୍‌ପୁରୁଷ ସର୍ବଦା ସ୍ଥିର ରହିଥାନ୍ତି ।

**କାମଧେନୁ ଓ୍ୱର ସନ୍ତ ଜନ, ପୂର୍ଣ୍ଣ**
**କାମନା ହୋୟ ।**
**ଶୁଦ୍ଧ ହୃଦୟ ସେ ସେଇୟେ, ବଡ଼**
**ଭାଗିନ ମିଲ ସୋୟ ॥୨୩॥**

ଭାଷ୍ୟ - ସର୍ବଶ୍ରେଷ୍ଠ ସନ୍ଥଜନ କାମଧେନୁ ସଦୃଶ ଅଟନ୍ତି ଯେଉଁମାନଙ୍କ ଦ୍ୱାରା ସକଳ କାମନା ପୂର୍ଣ୍ଣ ହୋଇଥାଏ । ପରମ ସୌଭାଗ୍ୟ ଥିଲେ ସନ୍ଥ ଦର୍ଶନ ପ୍ରାପ୍ତ ହୋଇଥାଏ । ତେଣୁ ଶୁଦ୍ଧ ହୃଦୟରେ ସନ୍ଥମାନଙ୍କର ସେବା କରନ୍ତୁ । ପ୍ରାଚୀନ କାଳରେ ଋଷିଗଣଙ୍କର ଆଜ୍ଞା ଅନୁସାରେ ସେହି ଧେନୁମାନଙ୍କର ସେବା କରୁଥିଲେ ଓ ଋଷିମାନଙ୍କର ଦୟାରୁ ସେହି ଗାଈମାନଙ୍କର ସେବା ଯୋଗୁଁ ନିଜର ଇଚ୍ଛିତ ଫଳ ପ୍ରାପ୍ତ ହେଉଥିଲା ।

# ଦୀକ୍ଷା କାହିଁକି ଆବଶ୍ୟକ ?

**ଅ**ଧ୍ୟାତ୍ମ କ୍ଷେତ୍ରରେ ପ୍ରବେଶ କରିବାର ଅୟମାରମ୍ଭ ଗୁରୁବରଣ ସହିତ ହୋଇଥାଏ । ବିଦ୍ୟାର୍ଥୀ ମେଧାବୀ ଓ ସୁସମ୍ପନ୍ନ ହୋଇଥିଲେ ସୁଦ୍ଧା ବିନା ମାର୍ଗଦର୍ଶନରେ ସ୍ୱୟଂ ବିଦ୍ୟାଧ୍ୟୟନ କରିବା ସର୍ବଦା ସମ୍ଭବ ହୋଇନଥାଏ । ପୁଣି ବିଭିନ୍ନ ବିଷୟର ଅଧ୍ୟୟନପାଇଁ ପ୍ରବୀଣ ମାର୍ଗଦର୍ଶକଙ୍କ ଆବଶ୍ୟକତା ହୋଇଥାଏ । ସେହିପରି ଆର୍ଥିକ ପ୍ରଗତିପାଇଁ ମଧ ସମୟର ଆବଶ୍ୟକତା ଅନୁସାରେ ପାରଙ୍ଗତଙ୍କ ସାହାଯ୍ୟ ନେବାକୁ ପଡ଼ିଥାଏ । ଭଗବାନ ରାମ ମଧ ବଶିଷ୍ଠଙ୍କ ନିକଟରୁ ସଂସ୍କୃତିର ଶିକ୍ଷା (ବିଦ୍ୟାଧନ) ପ୍ରାପ୍ତ କରିଥିଲେ ଏବଂ ଯୁଦ୍ଧକୌଶଳ ବିଶ୍ୱାମିତ୍ରଙ୍କଠାରୁ । ସାଧକର ମନସ୍ଥିତି ଏବଂ ପରିସ୍ଥିତିର ପର୍ଯ୍ୟବେକ୍ଷଣ କରିବାରେ ଗୁରୁ ହିଁ ସମର୍ଥ ହୋଇଥାନ୍ତି । ଶିଷ୍ୟକୁ ନିଷ୍ଠାପର କରି ଗଢ଼ିବାର କାର୍ଯ୍ୟ ପ୍ରବୀଣ ପାରଙ୍ଗତ ସ୍ତରର ନିଷ୍ଣାତ ବ୍ୟକ୍ତି (ଗୁରୁ) ହିଁ କରିପାରନ୍ତି । ସଂକ୍ଷେପରେ ଗୁରୁ ହିଁ ଏଭଳି ବ୍ୟକ୍ତିତ୍ୱ, ଯିଏ ଏହିସବୁ ଆବଶ୍ୟକତା ପୂରଣ କରିପାରନ୍ତି । ତେଣୁ ଗୁରୁଙ୍କ ମାର୍ଗଦର୍ଶନ ଦୀକ୍ଷା ରୂପରେ ନେବାକୁ ହୁଏ । ଦୀକ୍ଷାର ଏହି ପରମ୍ପରା ଆମ ଦେଶରେ ଅତି ପ୍ରାଚୀନ ।

ଗୁରୁ ଓ ଶିଷ୍ୟ ମଧରେ ଥିବା ସମ୍ପର୍କ ଆଜିର ଅଧାପକ ଓ ଛାତ୍ର ମଧରେ ଥିବା ସମ୍ପର୍କଠାରୁ ଭିନ୍ନ । ଗୁରୁ ଶିଷ୍ୟର ସମ୍ପର୍କ ପିତାପୁତ୍ରର ସମ୍ପର୍କଭଳି ନିବିଡ଼, ନିର୍ମଳ, ଅନନ୍ୟ ଆତ୍ମୀୟଠାରୁ ମଧ ବଳି ଘନିଷ୍ଠ ହୋଇଥାଏ । ଅଧ୍ୟାତ୍ମ କ୍ଷେତ୍ରରେ ପରାମର୍ଶଦାତା ଓ ମାର୍ଗଦର୍ଶକ, ଏହି ଦ୍ୱିପକ୍ଷୀୟ ଭୂମିକା ତୁଲାଇଥାନ୍ତି ଗୁରୁ । ତାହା ସହିତ ସ୍ୱାର୍ଜିତ ସମ୍ପତ୍ତିର ଏକ ଅଂଶ ମଧ ଶିଷ୍ୟକୁ ପ୍ରଦାନ କରିଥାନ୍ତି । ଏହି କ୍ରମରେ ଗୁରୁଦୀକ୍ଷା ହେଲା- ଆଧାତ୍ମିକ କ୍ଷେତ୍ରରେ ଦୁଇ ଆତ୍ମାର (ଗୁରୁ ଓ ଶିଷ୍ୟର) ଘନିଷ୍ଠତା । ଏଥିରେ ଦୁର୍ବଳ ପକ୍ଷ ସବଳ ପକ୍ଷ ସହିତ ଯୋଡ଼ିହୋଇ ଲାଭାନ୍ୱିତ ହୋଇଥାଏ । ଗୁରୁଦୀକ୍ଷା ଏକପ୍ରକାର ଆଧାତ୍ମିକ ଅନୁଦାନ (ଦାନ) ଏବଂ ଗୁରୁଦକ୍ଷିଣା ଭକ୍ତ ଅନୁଦାନର ସଧନ୍ୟବାଦ ପ୍ରତିଦାନ ।

ଆଉ ଏକ କଥା, ଜ୍ଞାନଦାନ ସହିତ ପାଶବିକ ବାସନାର କ୍ଷୟ ସାଧନକୁ ଦୀକ୍ଷା କୁହାଯାଏ । ଯାହା ଶିବ ରୂପରେ ସମାଧି ପ୍ରଦାନ କରେ ଏବଂ ମନର ମଳକୁ କ୍ଷୟ କରିଥାଏ, ତାହା ଦୀକ୍ଷା ନାମରେ ପରିଚିତ । ଯାହା ବ୍ରହ୍ମଜ୍ଞାନ ପ୍ରଦାନ କରେ ତଥା ପାପ-ପାଶରୁ, ପାପ ବନ୍ଧନରୁ ମୁକ୍ତ କରେ । ତତ୍ତ୍ୱ ଦୃଷ୍ଟିରୁ ତାହାକୁ ଦୀକ୍ଷା କୁହାଯାଏ । ଦୀକ୍ଷା ଆତ୍ମ-ସଂସ୍କାରର ମାଧମ । ଗୁରୁକୃପା ଓ ଶିଷ୍ୟର ଶ୍ରଦ୍ଧା ଏହି ଦୁଇ ପବିତ୍ର ଧାରାର ସଂଗମ ହିଁ ଦୀକ୍ଷାଦୀକ୍ଷା ଗୁରୁଙ୍କ ଆତ୍ମଦାନ, ଜ୍ଞାନ ସଞ୍ଚାର ଓ ଶକ୍ତିପାତ । ଏହା ଶିଷ୍ୟର ସୁସୁପ୍ତ ଜ୍ଞାନ ଓ ଶକ୍ତିର ଜାଗରଣ ପ୍ରକ୍ରିୟା । ଦୀକ୍ଷା ଶରୀରର ଅଶୁଦ୍ଧତାକୁ ଦୂର କରେ ଏବଂ ଏହାଦ୍ୱାରା ଶିଷ୍ୟର ଶୁଦ୍ଧ ଶରୀର ଦେବାର୍ଜନର ଅଧିକାରୀ ହୁଏ । ଜ୍ଞାନର ପ୍ରବାହ ଗୁରୁ-ଶିଷ୍ୟ ମାଧମରେ ହିଁ ଅବିରତ ପ୍ରବହମାନ ହୋଇଥାଏ ।

ଗୁରୁ କେବଳ ମାର୍ଗଦର୍ଶନ କରନ୍ତି ନାହିଁ ବରଂ ସମୟର ଦୀର୍ଘତାକୁ ମଧ କମ୍ କରିଥାନ୍ତି, ଅର୍ଥାତ୍ କମ୍ ସମୟରେ ହିଁ ସେ ଅଭୀଷ୍ଟ ସିଦ୍ଧି ଲାଭରେ ସହାୟକ ହୋଇଥାନ୍ତି । ତେଣୁକରି ଗୁରୁବରଣ ଓ ଗୁରୁଦୀକ୍ଷାର ମହତ୍ତ୍ୱ କୁହାଯାଏ ତଥା ଜୀବନକୁ ସଫଳ-ସାର୍ଥକ କରିବାରେ ଗୁରୁଦୀକ୍ଷା ଆବଶ୍ୟକ କୁହାଯାଏ ।

ମାନବ ଅପୂର୍ଣ୍ଣ : ସେ ଅପୂର୍ଣ୍ଣ ରୂପରେ ସଂସାରକୁ ଆସେ । ତେଣୁ ତା'ର ପୂର୍ଣ୍ଣତା ପ୍ରାପ୍ତିର ଅଭିଳାଷ ସଦା ରହିଥାଏ । ଏହାକୁ ପୂରଣ କରିବାପାଇଁ ସହାୟକ ହୋଇଥାନ୍ତି ଏକମାତ୍ର ଗୁରୁ । ଗୁରୁ ଶିଷ୍ୟର ସଦିଚ୍ଛା ପ୍ରାପ୍ତ କରାଇବାରେ ସହାୟକ ହୋଇଥାନ୍ତି । ଗୁରୁଦୀକ୍ଷା ଶିଷ୍ୟର ଅପୂର୍ଣ୍ଣତାକୁ ପୂର୍ଣ୍ଣ କରିବାର ଏକ ମାଧମ । ଗୁରୁକୃପାରୁ ସବୁକିଛି ପୂର୍ଣ୍ଣ ହୋଇଥାଏ । କୁଣ୍ଡଳିନୀ ଜାଗ୍ରତ ହୋଇ ଋଦ୍ଧି-ସିଦ୍ଧି ପ୍ରାପ୍ତ ହେବା ଗୁରୁକୃପାରୁ ହିଁ ସମ୍ଭବ ହୋଇଥାଏ । କିନ୍ତୁ ଏସବୁପାଇଁ ଗୁରୁଦୀକ୍ଷା ଆବଶ୍ୟକ । ଗୁରୁଦୀକ୍ଷାର ମହାନ ପରମ୍ପରା ମଧ ଏଥିପାଇଁ ପ୍ରଚଳିତ ।

# ବାରମ୍ବାର ଗରମ ପରେ ତେଲ ହୁଏ ବିଷ



**ଘ**ରେ ହେଉ ବା ରେଷ୍ଟୋରାଁରେ, ଛଣାଛଣି ବେଳେ କଡ଼େଇରେ ଥିବା ସବୁତକ ତେଲ କେବେ ସରିନଥାଏ । ତେଣୁ ବଳକା ତେଲକୁ ସ୍ୱାଭାବିକ ଭାବେ ପରବର୍ତ୍ତୀ ସମୟରେ ବ୍ୟବହାର ପାଇଁ ସାଇତି ରଖାଯାଇଥାଏ । ମାତ୍ର ତେଲକୁ ବାରମ୍ବାର ଗରମ କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର) ପକ୍ଷରୁ ସତର୍କ କରାଇ ଦିଆଯାଇଛି । ତେଲକୁ ବାରମ୍ବାର ଗରମ କରିବା ଦ୍ୱାରା ସେଥିରେ କେତେକ ବିଷାକ୍ତ ଯୌଗିକ ନିର୍ଗତ ହୋଇଥାଏ, ଯାହା ଦ୍ୱାରା କର୍କଟ ଓ ହୃଦ୍‌ରୋଗ ଆଶଙ୍କା ବଢ଼ିଥାଏ ବୋଲି କୁହାଯାଇଛି । ପୂର୍ବରୁ ହୋଇଥିବା ଅନୁଧାନ ଅନୁଯାୟୀ, ତେଲର ଏପରି ପୁନରୁତ୍ତପ୍ତୀକରଣ ଦ୍ୱାରା ଏଭଳି ବିଷାକ୍ତ ପଦାର୍ଥ ନିର୍ଗତ ହୋଇଥାଏ, ଯାହା ଶରୀରରେ 'ଫ୍ରି ରାଡିକାଲ୍' ବଢ଼ାଇଥାଏ । ଫଳରେ ପ୍ରଦାହ ବଢ଼ିବା ସହ ନାନା ଦୀର୍ଘମିଆଦୀ ରୋଗ ସୃଷ୍ଟି କରିଥାଏ । ଉଚ୍ଚ ତାପମାତ୍ରାରେ ତେଲରେ ଥିବା କିଛି ଚର୍ବି ଅଂଶ 'ଟ୍ରାନ୍ସ ଫ୍ୟାଟ୍ସ' ଓ 'ଆକ୍ରିଲାମାଇଡ୍' ପରି ବିଷାକ୍ତ ଯୌଗିକରେ ପରିଣତ ହୋଇଥା'ନ୍ତି । ତେଣୁ ତେଲକୁ ବାରମ୍ବାର ଗରମ କରିବା ବେଳେ ଅଧିକରୁ ଅଧିକ 'ଟ୍ରାନ୍ସ ଫ୍ୟାଟ୍ସ' ସୃଷ୍ଟି ହୋଇଥାଏ ଯାହା କର୍କଟ ଓ ହୃଦ୍‌ରୋଗର କାରଣ ସାଜିଥାଏ । ସେହିପରି ଛଣାତେଲର ଏପରି ପୁନର୍ବ୍ୟବହାର ଦ୍ୱାରା ଶରୀରରେ ଅଧିକ 'ଫ୍ରି ରାଡିକାଲ୍ସ' ସୃଷ୍ଟି ହୋଇ ନାନା ରୋଗକୁ ଆମନ୍ତ୍ରଣ କରିଥାଏ । ତେଣୁ ଛଣାଛଣି ପରେ ବଳିଯାଉଥିବା ତେଲକୁ ଦିନକ ଭିତରେ ତରକାରି ଓ ଅନ୍ୟାନ୍ୟ ଭଜାଭଜି କରିବାରେ ସାରିଦେବାକୁ ଆଇସିଏମ୍‌ଆର୍ ପରାମର୍ଶ ଦେଇଛି । ତେବେ ବଳକା ତେଲକୁ ପରିସ୍ରବଣ କରି ଏପରି ବ୍ୟବହାର କରିହେବ । ମାତ୍ର କୌଣସି ପରିସ୍ଥିତିରେ ବି ତାହାକୁ ଅଧିକ ଦିନ ଧରି ସାଇତି ରଖିବାକୁ ବାରଣ କରାଯାଇଛି । ଅପରପକ୍ଷେ, ବଳକା ତେଲର ପୁନର୍ବ୍ୟବହାର ଖାଦ୍ୟପଦାର୍ଥର ସ୍ୱାଦ କମାଇଦେଇଥାଏ । ତେଣୁ ଯଦିଓ ବଳିପଡୁଥିବା ତେଲକୁ କାଁ ଭାଁ ବ୍ୟବହାର କଲେ ସେଭଳି ଉଲ୍ଲେଖନୀୟ କ୍ଷତି ହେବନାହିଁ, ତେବେ ସର୍ବଦା ଆବଶ୍ୟକ ଅନୁଯାୟୀ ପ୍ରତି ଥର ରୋଷେଇରେ ସଜ ତେଲ ବ୍ୟବହାର କରିବା ଉଭୟ ସ୍ୱାଦ ଓ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳକାରକ ବୋଲି କୁହାଯାଇଛି ।

## ଟିକିଏ ହସନ୍ତୁ

ଚିଙ୍କି : ଏମିତି ଚୁପ୍‌ଚାପ୍ ବସି କ'ଣ ଭାବୁଛୁ କିରେ ଚିଣ୍ଟୁ ?
ଚିଣ୍ଟୁ : ବୁଝିଲୁ ଚିଙ୍କି, ମୁଁ ଆଜି ଦହି ଖାଇଲି ।
ଚିଙ୍କି : କ'ଣ ହେଲା ସେଇଠୁ ?
ଚିଣ୍ଟୁ : ମୋ ମନରେ ପ୍ରଶ୍ନ ଉଠିଛି, ଯିଏ ପ୍ରଥମେ ଦହି ବସାଇଥିବ ସେ ଏଥିପାଇଁ ଜମାଣ ବା ମହି କେଉଁଠୁ ଆଣିଥିବ ।

× × × × ×

ବାପା : ମୋର ସ୍ୱପ୍ନ ଯେ ତୁ ବଡ଼ହୋଇ ଓକିଲ ହୋଇଯା ।
ପୁଅ : କ'ଣ ପାଇଁ ବାପା ?
ବାପା : ମୋର କଳା କୋର୍ଟଟା ପଡି ରହିଛି କାମରେ ଆସିଯିବ ।
ପୁଅ : ଚାତକ ହୋଇ ଅନାଇଛି ବାପାକୁ ।

× × × ×

ଦୁଇଟି ମୂଷା ବାଇକରେ ଯାଉଥିଲେ ।
ବାଟରେ ଗୋଟେ ସିଂହ ଛୁଆ ତାଙ୍କୁ ଲିଫ୍ଟ ମାଗିଲା । ଦ ୁ ଇ
ମୂଷା ମଧରୁ ଜଣେ କହିଲା ହଉ ଆସ ବସ ।
ଅନ୍ୟ ଜଣେ ମୂଷାଟି କହିଲା ଭାବିଚିନ୍ତ ତାକୁ ଗାଡିରେ ବସା ନଚେତ ତୋ ମା' କହିବ ଗୁଣ୍ଡାମାନଙ୍କ ସହ ବୁଲୁଛୁ ।



× × × ×

ବାପା : ତୁ କେମିତି ଫେଲ୍ ହୋଇଗଲୁ ?
ପୁଅ : ବାପା ପ୍ରଶ୍ନ ଏମିତି ପଡିଥିଲା ଯେ ସେ ପ୍ରଶ୍ନକୁ ମୁଁ ଜାଣି ନ ଥିଲି ।
ବାପା : ଆଚ୍ଛା, ତୁ କେମିତି ଉତ୍ତର ଲେଖିଥିଲୁ ?
ପୁଅ : ଏମିତି ଉତ୍ତର ଲେଖିଥିଲି ତାହାର ଉତ୍ତର ସାର୍ ବି ଜାଣି ନ ଥିବେ ।

× × × ×

ବ୍ୟାଙ୍କ ମ୍ୟାନେଜର : ଏ କେମିତି ହସ୍ତାକ୍ଷର ?
ଚିଣ୍ଟୁ : ଏ ହସ୍ତାକ୍ଷର ମୋ ବୁଢ଼ୀମା'ର ।
ବ୍ୟାଙ୍କ ମ୍ୟାନେଜର : ଏମିତି ଅଜବ ହସ୍ତାକ୍ଷର, ତାଙ୍କର ନାଁ କ'ଣ ?
ଚିଣ୍ଟୁ : ତାଙ୍କର ନାମ ଜଲେବି ବାଈ ।

× × × ×

ରାଜୁ : ରାତିରେ ମଶା କାମୁଡିଲେ କ'ଣ କରାଯାଇ ପାରିବ ?
ବିଜୁ : ଆରେ ବହୁତ ସିମ୍ପଲ, ଦେହକୁ କୁଣ୍ଡାଇ ଶୋଇଯିବାକୁ ହେବ ।

# ପାଣିକଖାରୁର ଉପକାରିତା

**ପା**ଣି କଖାରୁକୁ କେତେକ ସ୍ଥାନରେ ଧଳା କଖାରୁ ମଧ କହିଥାନ୍ତି । ଏହାକୁ ବିଭିନ୍ନ ପ୍ରକାରରେ ତରକାରୀ ତଥା ବଡି କରି ଖାଆନ୍ତି । ଏଥିରେ ବହୁ ଔଷଧୀୟ ଗୁଣ ଭରି ରହିଥାଏ ଓ ଏହା ଖାଇବାକୁ ମଧ ସ୍ୱାଦିଷ୍ଟ ।

ପାଣି କଖାରୁରେ ଭିଟାମିନ୍ ସି', ଭିଟାମିନ୍ ବି', ବି-୩, ରିପୋଫାବ୍ଲିନ, ନିୟାସିନ ଓ ଥିୟାମି ଭଳି ଭିଟାମିନ୍ ରହିଛି । ଏହା ବ୍ୟତୀତ ଏଥିରେ ପୋଟାସିୟମ, ଫସଫରସ୍, ମ୍ୟାଗ୍ନେସିୟମ, କପର, ସେଲେନିୟମ, ମାଙ୍ଗାନିଜ ଓ ସୋଡିୟମ ଆଦି ଉତ୍ତମ ମାତ୍ରାରେ ରହିଥାଏ ।

ପାଣି କଖାରୁରେ ପ୍ରଚୁର ପରିମାଣରେ ପୋଟାସିୟମ ରହିଥାଏ । ଏହା ଏକ ଭାସୋଡିଲେଟର ରୂପେ କାମ କରିଥାଏ ଓ ରକ୍ତବାହିକା ନଳୀକୁ ଉତ୍ତମ ରୂପେ ସଂଚାଳିତ କରିବାରେ ସହାୟକ ହୋଇଥାଏ । ତେଣୁ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ।

ଏସିଡିଟି : ଯେଉଁ ବ୍ୟକ୍ତିଙ୍କର ଏସିଡିଟି ସମସ୍ୟା ଲାଗି ରହିଛି, ସେମାନେ ପାଣି କଖାରୁକୁ ନିୟମିତ ଖାଇବା ଉଚିତ । ପାଣି କଖାରୁକୁ ସିଝାଇ ଏହାର ରସକୁ ଖାଲି ପେଟରେ ସେବନ କରନ୍ତୁ । ଏହାଦ୍ୱାରା ଏସିଡିଟି ଭଳି ରୋଗ ଦୂର ହୋଇ ଯାଇଥାଏ । ଏହି ରସକୁ ସକାଳେ ସନ୍ଧ୍ୟାରେ ଦୁଇ ଥର ଖାଇ ପାରିବେ ।

ନାକରୁ ରକ୍ତ ପଡିବା: ଯଦି କୌଣସି ବ୍ୟକ୍ତି ନାକରୁ ରକ୍ତ ପଡୁଛି ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ପାଣି କଖାରୁ ରସକୁ ନାକରେ ପକାନ୍ତୁ ଓ ଏହାକୁ ସିଝାଇ ଏହାର ରସ ପିଅନ୍ତୁ ।

ଅର୍ଶ : ଯଦି ଆପଣ ଅର୍ଶ ରୋଗରେ ପୀଡିତ ହୋଇଥାନ୍ତି ତେବେ ଏହା ଅର୍ଶ ରୋଗ ପାଇଁ ଖୁବ୍ ଉପକାରୀ । ଏଥିପାଇଁ ପାଣି କଖାରୁ ରସ ଦୁଇ ଚାମଚ, ଦୁଇ ଚାମଚ ଗୁଣ୍ଡ ଗୁଡ, ୧ ଚାମଚ ଖସାକୁ ବାଟି ଦିନକୁ ଦୁଇ ଥର ପିଅନ୍ତୁ ଉପକାର ମିଳିବ ।



ଓଜନ କମ୍: ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ପାଣି କଖାରୁ ରସକୁ ପ୍ରତିଦିନ ପିଅନ୍ତୁ । ଏଥିରେ ଫାଇବରର ମାତ୍ରା ରହିଛି ଏବଂ କମ୍ କ୍ୟାଲୋରୀ ଥିବାରୁ ଆପଣଙ୍କ ଓଜନକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

କୀଡନି : ଆଜିକାଲିର ଜୀବନଶୈଳୀ ଓ ଖାଦ୍ୟ ପ୍ରଭାବରେ ବହୁ ଲୋକଙ୍କର କିଡନୀ ସମସ୍ୟା ଦେଖାଯାଉଛି । କିଡନୀ ସମସ୍ୟା ଦୂର କରିବା ଲାଗି ପାଣି କଖାରୁକୁ ନିୟମିତ ସେବନ କରନ୍ତୁ । ଏହା କୋଲେଷ୍ଟ୍ରଲର ସ୍ତର କମ୍ କରିଥାଏ, ତେଣୁ ଅନେକାଂଶରେ କିଡନୀ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ ।

ମସ୍ତିଷ୍କକୁ ସୁସ୍ଥ ରଖେ : ଏଥିରେ ପ୍ରଚୁର ପରିମାଣରେ ଆଇରନ ରହିଛି, ତେବେ ନିୟମିତ ଏହାକୁ ଖାଇବା ଫଳରେ ଶରୀରର ସମସ୍ତ ଭାଗରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ । ଫଳରେ ମସ୍ତିଷ୍କକୁ ଶୁଦ୍ଧ ରକ୍ତକଣିକା ପ୍ରବାହିତ କରୁଥିବା ହେତୁ ସ୍ମୃତିଶକ୍ତି ବୃଦ୍ଧି ହେବା ସହିତ ଏକାଗ୍ରତା ଓ ଧାନ କ୍ଷମତା ବୃଦ୍ଧି ପାଇଥାଏ । ଏହା ସହିତ ଏଥିରେ ପ୍ରଚୁର ଆଇରନ୍ ରହିଥିବା କାରଣରୁ ଏହାକୁ ଖାଇବା ଫଳରେ ରକ୍ତହୀନତା ରୋଗ ମଧ ଭଲ ହୋଇଥାଏ ।

# ପ୍ରୋଟିନ୍‌ରେ ଭରପୁର ଲେଉଟିଆ ଶାଗ

**ଖ**ରା ଦିନେ ଲେଉଟିଆ ଶାଗ ଭଜା ଓ ପଖାଳ ଭାତର ମଜା ନିଆରା । ଗାଁ ଗହଳିରେ ପ୍ରତ୍ୟେକ ଓଡ଼ିଆ ଘରର ବାରିପଟେ କୋଶଳା ଶାଗ କିଆରି ଦେଖିବାକୁ ମିଳିଥାଏ । ଶାଗକୁ ଯେତେ ତୋଳିଲେ ସେତେ ବଢ଼ିଥାଏ । ତେଣୁ କଥାରେ ଅଛି ଲେଉଟିଆ ପଟାଳି କାଟି ଖାଇବା । ଶାଗ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟ ପାଇଁ ମଧ ଖୁବ୍ ଉପକାରୀ ।

ଏହାକୁ ଚାଇନୀଜ୍ ପାଲକ୍ ମଧ କୁହାଯାଏ । ଏହା ନାଲି ଓ ସବୁଜ ରଙ୍ଗରେ ଉପଲବ୍ଧ । ଏଥିରେ ବହୁ ପୋଷକତତ୍ୱ, ଆଇରନ, କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ଓ ଭିଟାମିନ୍ ମଧ ପ୍ରଚୁର ପରିମାଣରେ ରହିଛି ।



**କେଶ :** ଯଦି କେଶ ବହୁତ ଝଡୁଛି କିମ୍ବା ସମୟ ପୂର୍ବରୁ କେଶ ପାଚି ଯାଉଛି, ତେବେ ଲେଉଟିଆ ଶାଗ କେଶ ପାଇଁ ଖୁବ୍ ଉପଯୋଗୀ । ଲେଉଟିଆ ଶାଗରେ ବହୁ ମାତ୍ରାରେ ପ୍ରୋଟିନ୍ ରହିଛି ।

**ମୁଖ ରୋଗ :** ସମ୍ପ୍ରତି ମୁଖରୋଗ ସମସ୍ୟା ବିଶେଷ ଭାବରେ ଦେଖିବାକୁ ମିଳୁଛି । ମୁଖ ଅଲସର, ମୁଖ ଦୁର୍ଗନ୍ଧ, ଦାନ୍ତ ମୂଳରୁ ରକ୍ତ ବାହାରିବା, ପାଇରିଆ ପାଇଁ ଲେଉଟିଆ ଶାଗକୁ ଖାଇଲେ ମୁଖ ରୋଗ ଦୂର ହୋଇଥାଏ ।

**ଚର୍ମ :** ଲେଉଟିଆ ଶାଗରେ ପୋଷକ ତତ୍ତ୍ୱ ରହିଛି । ଇନଫେକସନ୍, ଏକ୍‌ଜିମା, କୁଣ୍ଡିଆ ଆଦି ରୋଗରୁ ମୁକ୍ତି ଲାଗି ଲେଉଟିଆ ଶାଗ ଖାଇବା ଉଚିତ୍ ।

ରକ୍ତହୀନତା : ଆଇରନ କମ ହେଲେ ରକ୍ତହୀନତା ହୋଇଥାଏ । ମହିଳାଙ୍କ ଠାରେ ରକ୍ତହୀନତା ଅଧିକ ଦେଖାଯାଏ । ଶରୀରରେ ରକ୍ତ କମି ଯାଉଥିଲେ ରୋଗୀ ଲେଉଟିଆ ଶାଗ ଖାଇବା ଉଚିତ । କାହିଁକି ନା ଲେଉଟିଆ ଶାଗରେ ପ୍ରଚୁର ପରିମାଣରେ ଆଇରନ ରହିଛି ।

**ଉତ୍ତମ ପାଚନ କ୍ରିୟା :** ଏଥିରେ ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ଥିବାରୁ ପେଟ ସହିତ ଜଡିତ ସମସ୍ୟା ଯେପରି ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ ଗ୍ୟାସ ବଦହଜମୀ ଆଦିରୁ ମୁକ୍ତି ମିଳିଥାଏ ।

**ମଧୁମେହ :** ଅନୁସନ୍ଧାନରୁ ଜଣାପଡିଛି କି ଲେଉଟିଆ ଶାଗ ମଧୁମେହକୁ ନିୟନ୍ତ୍ରଣରେ ରଖିଥାଏ । ରକ୍ତ ଶର୍କରା ମାତ୍ରା ବଢ଼ିବା ଦ୍ୱାରା ଶରୀରରେ ବହୁ ସମସ୍ୟା ଉପୁଜି ଥାଏ । ତେଣୁ ଲେଉଟିଆ ଶାଗ ଖାଇବା ଦ୍ୱାରା ରକ୍ତ ଶର୍କରା ମାତ୍ରା ନିୟନ୍ତ୍ରଣରେ ରହିଥାଏ ।

ଗର୍ଭବତୀଙ୍କ ପାଇଁ : ଗର୍ଭବତୀ ମହିଳା ଖାଦ୍ୟରେ ପ୍ରତିଦିନ କିଛି ଲେଉଟିଆ ଶାଗକୁ ସାମିଲ କରିବା ଉଚିତ୍ । ଏଥିରେ ପ୍ରଚୁର ଆଇରନ ଥିବାରୁ ମା' ଓ ଶିଶୁଙ୍କ ପାଇଁ ଖୁବ୍ ଉପାଦେୟ । ଗର୍ଭବତୀ ମହିଳା ନିୟମିତ ଲେଉଟିଆ ଶାଗ ଖାଇଲେ ଶିଶୁର କେଶ ଘନ ଓ କଳା ହୋଇଥାଏ ।

# ଟମାଟୋ ଅଧିକ ଖାଆନ୍ତୁ ନାହିଁ

ଅଧିକ ଟୋମାଟୋ ଖାଇଲେ ତାହା ବୃକକ୍ ଉପରେ କୁପ୍ରଭାବ ପକାଇଥାଏ ବୋଲି ବିଶେଷଜ୍ଞଙ୍କ ପରୀକ୍ଷାରୁ ଜଣାପଡିଛି । ଆବଶ୍ୟକତା ଠାରୁ ଅଧିକ ଟମାଟୋର ବ୍ୟବହାର ତରକାରିରେ କଲେ ତାହା ହଜମ ନ ହେବା ସହ ମୂତ୍ର ସଂକ୍ରମଣ ରୋଗ ହେବାର ଆଶଙ୍କା ବଢ଼ାଇଥାଏ ।



# ଦେହକୁ ଭଲ ଅଲେଇଚ

**ଖା**ଦ୍ୟକୁ ସ୍ୱାଦିଷ୍ଟ ଓ ସୁଗନ୍ଧିତ କରିବା ପାଇଁ ଭାରତୀୟମାନେ ଏକାଧିକ ମସଲା ବ୍ୟବହାର କରନ୍ତି । ସେଥିରୁ ଗୋଟିଏ ଅଳେଇଚ । ଭାରତ ସମେତ ସାରା ବିଶ୍ୱରେ ଏହାକୁ ବ୍ୟବହାର କରାଯାଏ । ଏହା ମଧ ଔଷଧୀୟ ଗୁଣରେ ଭରପୁର । ସ୍ୱାସ୍ଥ୍ୟ ଓ ଶାରୀରିକ ସୌନ୍ଦର୍ଯ୍ୟ ପାଇଁ ଅଳେଇଚ ଅତ୍ୟନ୍ତ ଉପକାରୀ ।



ମୁହଁରେ ବ୍ରଣ ହେଉଥିଲେ ରାତିରେ ଶୋଇବା ପୂର୍ବରୁ ଅଳ୍ପ ଉଷୁମ ପାଣି ସହିତ କିଛି ଅଳେଇଚ ଦାନା ନିୟମିତ ଖାଆନ୍ତୁ ।

ବଦହଜମୀ, ଗ୍ୟାସ ପରି ସମସ୍ୟା ଥିଲେ ପ୍ରତିଦିନ ସକାଳେ ଖାଲି ପେଟରେ ଗୋଟିଏ ଅଳେଇଚ ଚୋବାଇ ଚୋବାଇ ଖାଆନ୍ତୁ ଏବଂ ଖାଇ ସାରିବା ପରେ କପେ ଉଷୁମ ପାଣି ପିଅନ୍ତୁ ।

ନିଦ ହେଉ ନ ଥିଲେ ଶୋଇବା ପୂର୍ବରୁ କିଛି ଅଳେଇଚ ଦାନା ଖାଆନ୍ତୁ । ନିୟମିତ ଖାଇଲେ ଘୁଙ୍ଗୁଡି ସମସ୍ୟା ବି ଦୂର ହେବ ।

ଖାଇ ସାରିବା ପରେ କିଛି ଅଳେଇଚ ଖାଇଲେ ମୁହଁର ଦୁର୍ଗନ୍ଧ ଦୂର ହୁଏ । ଅଳେଇଚ ମ୍ୟୁକସ ମେମ୍ବ୍ରେନ ଦାହକୁ ଶାନ୍ତ କରେ । ଏସିଡିଟି ଏବଂ ବାୟୁ ଦୋଷ ମଧ ଦୂର କରେ । ବଦହଜମି ଏବଂ ତଦଜନିତ ମୁଣ୍ଡବ୍ୟଥା ହେଉଥିଲେ ସବୁଜ ଅଳେଇଚ, ଧନିଆ, ଲବଙ୍ଗ ଓ ଅଦା ବାଟି ତାକୁ ଗରମ ପାଣି ସହିତ ପିଅନ୍ତୁ ।

ଖାଇ ସାରିବା ପରେ ଅଳେଇଚ ଦାନା ଓ ପାନମହୁରି ଖାଆନ୍ତୁ । ଖାଦ୍ୟ ଶୀଘ୍ର ହଜମ ହେବ ।

ଛାତିରେ କଫ ଜମି ଯାଇଥିଲେ ଗରମ ପାଣିରେ କେଇବୁନ୍ଦା ଅଳେଇଚ ତେଲ ପକାଇ ତା'ର ବାମ୍ପ ନିଅନ୍ତୁ । ଅଳେଇଚ ରକ୍ତ ସଂଚାର ଗତିକୁ ସ୍ୱାଭାବିକ କରିବାରେ ସହାୟକ । ଗରମ କ୍ଷୀରରେ ଅଳେଇଚ ପାଉଡର ଓ ହଳଦୀ ପକାଇ ନିୟମିତ ପିଇଲେ ରକ୍ତହୀନତା ଦୂର ହୁଏ ।

# ଆପଣ ଜାଣନ୍ତି କି ?

- ୧୯୮୬ ସେପ୍ଟେମ୍ବର ୨୬ ରେ ହଂକଂକୁ ନେଇ ବ୍ରିଟେନ ଓ ଚୀନ ମଧରେ ବୁଝାମଣା ହୋଇଥିଲା ।
- ସେପ୍ଟେମ୍ବର ୨୭,୧୯୦୫ ମସିହାରେ ମହାନ ବୈଜ୍ଞାନିକ ଆଲଫ୍ରୋର୍ଡ ଆଇନଷ୍ଟାଇନ୍ $E=mc^2$ ସିଦ୍ଧାନ୍ତ ପ୍ରମାଣିତ କରିଥିଲେ ।
- ୧୯୨୯ ସେପ୍ଟେମ୍ବର ୨୮ ରେ ଭାରତର କୋକିଳ କଣ୍ଠୀ ଲତା ମଙ୍ଗେସ୍କରଙ୍କର ଜନ୍ମ ହୋଇଥିଲା ।
- ୧୯୯୩ ସେପ୍ଟେମ୍ବର ୩୦ ରେ ମହାରାଷ୍ଟ୍ରରେ ଭୂକମ୍ପ ହୋଇ ୨୦,୦୦୦ ଲୋକ ମୃତ୍ୟୁବରଣ କରିଥିଲେ ।
- ୨୦୧୧ ମସିହା ଅକ୍ଟୋବର ୫ ରେ ଭାରତରେ ସବୁଠାରୁ କମ୍ ଦାମୀ ଟାବଲେଟ 'ଆକାଶ'ର ଶୁଭାରମ୍ଭ ହୋଇଥିଲା ।
- ୧୮୯୩ ଅକ୍ଟୋବର ୬ ରେ ଭାରତୀୟ ନଭୋବିଦ୍ୟା ବିଶାରଦ ମେଘନାଦ ସାହା ଜନ୍ମ ହୋଇଥିଲା ।
- ୧୯୦୮ ମସିହା ଅକ୍ଟୋବର ୭ରେ ମଦର ଟେରେସା 'ମିଶନାରୀଜ୍ ଅଫ୍ ଚାରିଟି' ସ୍ଥାପନ କରିଥିଲେ ।
- ୧୯୩୨ ଅକ୍ଟୋବର ୮ ରେ ଭାରତୀୟ ବାୟୁ ସେନା ପ୍ରତିଷ୍ଠା ହୋଇଥିଲା ।
- ୧୯୨୯ ଅକ୍ଟୋବର ୯ରେ ଭାରତରେ ପ୍ରାଦେଶିକ ସେନାର ସ୍ଥାପନ ହୋଇଥିଲା ।
- ଅକ୍ଟୋବର ୧୦ରେ ହୁଗୁଳି ନଦୀ ଉପରେ ଦ୍ୱିତୀୟ ପୋଲ ବିଦ୍ୟାସାଗର ସେତୁର ଶୁଭାରମ୍ଭ ହୋଇଥିଲା ।

# କହିପାରିବେ କି ?

(୧) ଶରୀରରେ ଥିବା ଖାଦ୍ୟ ନଳୀର ଲମ୍ବ କେତେ ?
(୨) ମଣିଷ ଶରୀରରେ ମୋଟ କେତେଖଣ୍ଡ ହାଡ଼ ରହିଛି ?
(୩) ଶରୀରରେ ଥିବା କେଉଁ ପ୍ରକାରର ରକ୍ତ କୋଷ ସଂକ୍ରମଣ ସହ ଲଢ଼ିବାକୁ ସକ୍ଷମ ହୋଇଥାଏ ?
(୪) ଶରୀରର କେଉଁ ଅଂଶରେ ସବୁଠୁ କ୍ଷୁଦ୍ର ହାଡ଼ ରହିଥାଏ ?
(୫) ଶରୀରରେ କାହା ପ୍ରଭାବରେ ହାଡ଼ର ସ୍ଥାନ ବଦଳି ଯାଇପାରେ ?
(୬) ମଣିଷ ଶରୀରରେ କେତୋଟି ପରିମାଣର ଜଳୀୟ ଅଂଶ ରହିଛି ?
(୭) ଶରୀରର କେଉଁ ସ୍ଥାନର ମାଂଶପେଶୀ ସବୁଠୁ ଶକ୍ତ ?
(୮) ଶରୀରର ସବୁଠୁ ବଡ଼ ଅଙ୍ଗଭାବେ କାହାକୁ ବିବେଚନା କରାଯାଏ ?
(୯) ଶରୀରରେ ଥିବା ଡିଏନଏର ଆକାର କେଉଁଭଳି ?
(୧୦) ଉପରିଭାଗର ତ୍ୱଚାକୁ କ'ଣ କୁହାଯାଏ ?

## JUMBLE WORDS

| | | | |
|---|---|---|---|
| 1) FHETT | = | 6) SINYO | = |
| 2) GUCHO | = | 7) RUPUSE | = |
| 3) FOEERB | = | 8) TUEEAQ | = |
| 4) MLIEUH | = | 9) RHEPC | = |
| 5) SRIHT | = | 10) MEEEC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ସେପ୍ଟେମ୍ବର-୧୪ ତାରିଖ, ୨. ଗେଟ୍ ଓ୍ୱେ ଅଫ୍ ଇଣ୍ଡିଆ, ୩.୧୬ ଶହ ଖ୍ରୀଷ୍ଟାବ୍ଦ, ୪. ଡଲଫିନ୍, ୫.କେରଳ, ୬. ସ୍ମାଇଲିଂ ବୁଦ୍ଧ, ୭.କେରଳ, ୮.ମଧ ପ୍ରଦେଶ, ୯.୧୯୨୮, ୧୦.ଆର୍ଯ୍ୟଭଟ୍ଟ ।

***Jumble Words*** ର ଉତ୍ତର **:-**

(1) INTENT (2) FORGET (3) PARTY (4) QUAKE (5) DOUBLE (6) ALLOW (7) ALIAS (8) TUNER (9) INTACT (10) UTMOST.

## ସମ୍ବଲପୁରରେ ମତଦାନ କମିବା... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ସମ୍ବଲପୁର ଲୋକସଭା କ୍ଷେତ୍ରରେ ମୋଟ୍ ଭୋଟର୍ - ସଂଖ୍ୟା ୧୪ ଲକ୍ଷ ୯୯ ହଜାର ୭୨୮ । ଚଳିତ ନିର୍ବାଚନରେ ଲୋକସଭା କ୍ଷେତ୍ରର ଭୋଟ୍ ହାର ରହିଛି ୭୯.୫୦% । ଏହା ଅନ୍ତର୍ଗତ କୁଚିଣ୍ଡା, ରେଙ୍ଗାଲି ଓ ଦେବଗଡ଼ ବିଧାନସଭା କ୍ଷେତ୍ରରେ ମହିଳା ଭୋଟର୍‌ଙ୍କ ସଂଖ୍ୟା ଅଧିକ । ସମ୍ବଲପୁର ବ୍ୟତୀତ ସମସ୍ତ କ୍ଷେତ୍ର ଗ୍ରାମାଞ୍ଚଳକୁ ନେଇ ଗଠିତ । କୁଚିଣ୍ଡାରେ ପୁରୁଷ, ମହିଳା ଓ ଅନ୍ୟ ଭୋଟରଙ୍କୁ ନେଇ ମୋଟ ୨,୨୨,୨୨୧ ଜଣ ଭୋଟର୍ ଥିବାବେଳେ ରେଙ୍ଗାଲିରେ ୧,୯୬,୭୯୯ ଜଣ, ସମ୍ବଲପୁରରେ ୨,୦୬, ୧୦୦ ଜଣ, ରେଢ଼ାଖୋଲରେ ୨,୦୨,୩୪୩ ଜଣ, ଦେବଗଡ଼ରେ ୨,୫୧,୩୯୪ ଜଣ, ଛେଣ୍ଡିପଦାରେ ୨,୧୧,୨୧୨ ଜଣ ଏବଂ ଆଠମଲ୍ଲିକରେ ୨,୦୯,୬୫୯ ଜଣ ଭୋଟର୍ ରହିଛନ୍ତି । ଗତ ୨୫ ତାରିଖ ଅନୁଷ୍ଠିତ ନିର୍ବାଚନରେ ଆଠମଲ୍ଲିକରେ ସର୍ବାଧିକ ୮୫.୬୯% ମତଦାନ ହୋଇଥିବା ବେଳେ ଛେଣ୍ଡିପଦାରେ ୮୪.୩୬%, କୁଚିଣ୍ଡାରେ ୮୨.୮୮%, ରେଙ୍ଗାଲିରେ ୮୨.୧୯%, ରେଢ଼ାଖୋଲରେ ୭୯.୪୨ %, ଦେବଗଡ଼ରେ ୭୮.୧୭% ଏବଂ ସମ୍ବଲପୁରରେ ୬୩.୬୯% ମତଦାନ ହୋଇଛି ।

ଅନ୍ୟପଟେ, ଏହାର କାରଣକୁ ନେଇ ଯେତିକି ଚର୍ଚ୍ଚା ଲାଗି ରହିଛି ତାଠାରୁ ଅଧିକ ନିର୍ବାଚନ ପରିଚାଳନାଗତ ତ୍ରୁଟିକୁ ନେଇ ଅସନ୍ତୋଷ ମୁଣ୍ଡ ଟେକିବାରେ ଲାଗିଛି । କାରଣ, ସମ୍ବଲପୁର ବିଧାନସଭା କ୍ଷେତ୍ରରେ ବହୁ ବୁଥ୍‌ରେ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ତ୍ରିପଣ୍ଡ ଖରା ଯୋଗୁଁ ଲୋକେ ସକାଳୁ ସକାଳୁ ସବୁ ବୁଥରେ ଭିଡ ଲଗାଇଥିଲେ । ହେଲେ କେଉଁଠି ଇଭିଏମ୍‌ରେ ତ୍ରୁଟି ପାଇଁ ତ ପୁଣି କେଉଁଠି ଅନଭିଜ୍ଞ ପୁଲିଂ କର୍ମଚାରୀଙ୍କ ପାଇଁ ବହୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ଫଳରେ ଲମ୍ବା ଧାଡିରେ ରହି ବହୁ ବରିଷ୍ଠ ନାଗରିକଙ୍କ ସମେତ ବହୁ ବ୍ୟକ୍ତି ମତଦାନ ନ କରି ଫେରି ଯାଇଥିବା ଦେଖିବାକୁ ମିଳିଥିଲା । ଏହାଛଡା ଭୋଟର ଲିଷ୍ଟରେ ସାଂଘାତିକ ତ୍ରୁଟି ଯୋଗୁଁ ହଜାର ସଂଖ୍ୟାରେ ଲୋକେ ମତଦାନରୁ ବଞ୍ଚିତ ହୋଇଥିବା ନେଇ ମାଳ ମାଳ ଅଭିଯୋଗ ମୁଣ୍ଡ ଟେକିଲାଣି । ଏପରିକି ବହୁ ଭୋଟର ମତଦାନ କେନ୍ଦ୍ରକୁ ଯାଇ ଭୋଟର ଲିଷ୍ଟରେ ନାଁ ନଥିବାରୁ କିମ୍ବା କ୍ରମିକ ନମ୍ବର ଭୁଲ୍ ଥିବା କାରଣରୁ ଭୋଟ ଦେଇ ନ ପାରି ଫେରି ଆସିଥିବା ଅଭିଯୋଗ ହୋଇଛି ।

ଖାଲି ସେତିକି ନୁହେଁ, ପ୍ରଶାସନ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଭୋଟ ପୂର୍ବରୁ ପ୍ରତି ଘରକୁ ଭୋଟର୍ ଚିରକୁଟ୍ (କ୍ରମିକ ସଂଖ୍ୟା ଏବଂ ବୁଥ୍ ନମ୍ବର ଥିବା ଚିଠା) ବାଣ୍ଟିବା କଥା । ଗ୍ରାମାଞ୍ଚଳରେ ଏହା ବଣ୍ଟା ଯାଇଥିବା ବେଳେ ସମ୍ବଲପୁରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଫଳରେ ଲୋକେ ନିଜେ ଯାଇ ମତଦାନ କେନ୍ଦ୍ରକୁ ଯିବା ବେଳେ ଲିଷ୍ଟରେ ନାଁ ନଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡିଛି । ଏହାକୁ ନେଇ ସାରା ସମ୍ବଲପୁରରେ ଅସନ୍ତୋଷ ଦେଖିବାକୁ ମିଳିଛି । ସେପଟେ, ଏହି ବିଭ୍ରାଟକୁ ନେଇ ବର୍ତ୍ତମାନ ରାଜନୀତି ବି ଜୋର ଧରିଲାଣି । ଉଭୟ ଶାସକ ଏବଂ ବିରୋଧୀ ଗୋଷ୍ଠୀ ଏହାକୁ ନେଇ ସୋସିଆଲ୍ ମିଡିଆରେ କାଦୁଅଫୋପଡା ହେଉଥିବା ପରିଲକ୍ଷିତ ହେଉଛି ।

ପୂର୍ବ ବର୍ଷ ତୁଳନାରେ ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଏବଂ ଛେଣ୍ଡିପଦାର ମତଦାନ ପୂର୍ବ ବର୍ଷମାନଙ୍କ ତୁଳନାରେ କାହିଁରେ କେତେ ଅଧିକ ରହିଛି । କୁଚିଣ୍ଡାର ମତଦାନ ହାର ତିନିଥର ହେଲା ୮୦ ପ୍ରତିଶତରୁ ଅଧିକ ଅଟେ । ୨୦୧୪ ଏବଂ ୨୦୧୯ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦୀ ପ୍ରଚାର ପାଇଁ ଆସିଥିଲେ । କିନ୍ତୁ ସେହି ଦୁଇ ଥର ଯେତେ ସଂଖ୍ୟାରେ ବିଜେପିର କେନ୍ଦ୍ରୀୟ ନେତା ସମ୍ବଲପୁର ଆସି ନ ଥିଲେ । ଚଳିତ ବର୍ଷ ଏହି ସଂଖ୍ୟା ଅନେକ ଅଧିକ ଥିଲା । ଅର୍ଥାତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନିର୍ବାଚନ ତାରିଖ ଘୋଷଣା ପରେ କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହା, ଗିରିରାଜ ସିଂ, ଏସ୍. ଜୟଶଙ୍କର, ବାଚସ୍ପତି ଓମ ବିର୍ଲା, ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଏବଂ ଛତିଶଗଡ଼ ମନ୍ତ୍ରୀ ଓମପ୍ରକାଶ ଚୌଧୁରୀ, ମନ୍ତ୍ରୀ ବ୍ରଜମୋହନ ଅଗ୍ରୱାଲଙ୍କ ସମେତ ଅନେକ ବଡ଼ ନେତା ନିୟମିତ ଆସି ପ୍ରଚାର କରିଛନ୍ତି । ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ସମାବେଶ କରିଥିବା ବେଳେ ବିଜେଡି ନେତା ଭିକେ ପାଣ୍ଡିଆନ ରୋଡ୍ ସୋ' ସହିତ ସମାବେଶ କରିଛନ୍ତି । ବିଶେଷଜ୍ଞଙ୍କ ଅନୁସାରେ, ଲୋକସଭା ପ୍ରାର୍ଥୀଙ୍କ ଜିତାପଟ୍ ବିଧାନସଭା ପ୍ରାର୍ଥୀଙ୍କ ଉପରେ ନିର୍ଭରଶୀଳ ଥାଏ । ପ୍ରଚାର ପାଇଁ ବିଧାନସଭା ପ୍ରାର୍ଥୀଙ୍କ ଉପରେ ନିର୍ଭରଶୀଳ ଥାଆନ୍ତି । ବିଧାନସଭା କ୍ଷେତ୍ରରେ ୨ ରୁ ୩ଟି ସମାବେଶ ଯୋଗ ଦିଅନ୍ତି । କିନ୍ତୁ ଚଳିତ ବର୍ଷ ନିର୍ବାଚନରେ ଚର୍ଚ୍ଚାର କେନ୍ଦ୍ରରେ ଉଭୟ ଲୋକସଭା ପ୍ରାର୍ଥୀ ରହିଥିଲେ ।

ବିଧାନସଭା ପ୍ରାର୍ଥୀମାନେ ସେମାନଙ୍କୁ ଭରସା କରି ପ୍ରଚାର କରିଥିଲେ । ପୂର୍ବଥରମାନଙ୍କରେ ବସ୍ତି ଏବଂ ପଞ୍ଚାୟତ ସ୍ତରରେ ମତଦାତା ଲୋକସଭା ପ୍ରାର୍ଥୀଙ୍କ ସହିତ ପ୍ରତ୍ୟକ୍ଷ ଭେଟ ହୋଇନଥାଏ । ମାତ୍ର ଚଳିତ ବର୍ଷ ଲୋକସଭା ପ୍ରାର୍ଥୀମାନେ ଅନେକ ବସ୍ତିରେ ସିଧାସଳଖ ମତଦାତାଙ୍କ ସହିତ ଯୋଗାଯୋଗ ରଖିଥିଲେ । ବ୍ୟବସାୟୀ, କଳାକାର, ସାହିତ୍ୟିକ ଏଭଳି କୌଣସି କ୍ଷେତ୍ର ନାହିଁ ଯାହାଙ୍କ ସହିତ ଉଭୟ ଲୋକସଭା ପ୍ରାର୍ଥୀ ପୃଥକ ସମାବେଶ କରି ବୈଠକ କରି ନାହାନ୍ତି । ପ୍ରତିଦିନ ସାମ୍ବାଦିକ ସମ୍ମିଳନୀ କରିଆରେ ନୂତନ ପ୍ରସଙ୍ଗ ଉଠାଇବା ମଧ ଚଳିତ ଥର ନୂତନ ଚରିତ୍ର ଥିଲା ସାମାଜିକ ଗଣମାଧମର ନିର୍ବାଚନ ପ୍ରଚାରରେ ସମ୍ବଲପୁର ଚଳିତ ବର୍ଷ ଚର୍ଚ୍ଚାର କେନ୍ଦ୍ରରେ ରହିଥିଲା ।

## ନିର୍ବାଚନ ପ୍ରଚାର ପାଇଁ ମୋଦୀଙ୍କ ୨୦୬ ର୍‍ୟାଲି

ନୂଆଦିଲ୍ଲୀ : ନିର୍ବାଚନ ପ୍ରଚାର ଶେଷ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧ୍ୟାନସ୍ଥ ହୋଇଛନ୍ତି । ଦୀର୍ଘ ଦିନର ମାରାଥନ୍ ପ୍ରଚାର ପରେ ମୋଦୀ ୪୫ ଘଣ୍ଟା ପାଇଁ ଧ୍ୟାନ କରୁଛନ୍ତି । ଏହି ସମୟରେ ସେ କେବଳ ଲେମ୍ବୁ ପାଣି ପିଉଛନ୍ତି । ଚଳିତ ଲୋକସଭା ନିର୍ବାଚନରେ ମୋଦୀ ମୋଟ୍ ୨୦୬ଟି ରାଲି କରିଛନ୍ତି । ହ୍ୟାଟ୍ରିକ୍ ହାସଲ ପାଇଁ ମୋଦୀ ସବୁ ଦମ୍ ଲଗାଇ ଦେଇଛନ୍ତି । ୨୦୧୯ରେ ମୋଦୀ ୧୪୫ଟି ନିର୍ବାଚନ ର୍‍ୟାଲି କରିଥିବା ବେଳେ ଏଥର ୨୦୬ଟି ର୍‍ୟାଲି କରିଛନ୍ତି । ୭୬ ଦିନ ଧରି ମୋଦୀ ନିର୍ବାଚନ ପ୍ରଚାରରେ ନିୟୋଜିତ ଥିଲେ । ଅନ୍ୟପକ୍ଷେ ୨୦୧୯ରେ ମୋଦୀ ୬୮ ଦିନ ପ୍ରଚାର କରିଥିଲେ । ୨୦୦ରୁ ଅଧିକ ର୍‍ୟାଲି ଏବଂ ନିର୍ବାଚନ ସଭା କରିବା ସହ ମଧ ମୋଦୀ ମଧ ଗଣମାଧମକୁ ପ୍ରାୟ ୮୦ଟି ସାକ୍ଷାତକାର ଦେଇଛନ୍ତି । ମୋଦୀ ଲଗାତାର ୩ ଦିନ ଧରି ଗୋଟିଏ ଦିନରେ ୫ଟି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ୨୨ ଦିନରେ ସେ ଦୈନିକ ୪ଟି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଲୋକସଭାକୁ ସବୁଠାରୁ ଅଧିକ ଆସନ ଦେଉଥିବା ଉତ୍ତରପ୍ରଦେଶରେ ମୋଦୀ ସର୍ବାଧିକ ୩୧ ର୍‍ୟାଲି କରିଛନ୍ତି । ଉତ୍ତରପ୍ରଦେଶ ପରେ ବିହାର ଏବଂ ମହାରାଷ୍ଟ୍ରରେ ମୋଦୀ ଯଥାକ୍ରମେ ୨୦ ଏବଂ ୧୯ଟି ନିର୍ବାଚନ ର୍‍ୟାଲି କରିଛନ୍ତି ।

## ରେକର୍ଡ ସଂଖ୍ୟକ ମତଦାନକୁ ନେଇ ଚର୍ଚ୍ଚା

ଝାରସୁଗୁଡା: ନିର୍ବାଚନ ପରେ ଏବେ ଭିନ୍ନ ଭିନ୍ନ ଆକଳନ କରାଯାଉଛି । ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀଙ୍କ ମଧ୍ୟରେ ଏଥର କଡ଼ା ଟକ୍କର ଦେଖିବାକୁ ମିଳିଛି । ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଏବଂ ନେତାମାନେ ବିଜୟକୁ ନେଇ ବେଶ ନିଶ୍ଚିତ ବୋଲି ମତ ରଖୁଥିବା ବେଳେ ଜନତା କିନ୍ତୁ କଡ଼ା ମୁକାବିଲା ଭିତରେ ଦ୍ୱନ୍ଦ୍ୱରେ ରହିଛନ୍ତି । ଏଥର ବିଶେଷ କରି ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯେଭଳି ରେକର୍ଡ ମତଦାନ ହୋଇଛି ତାହାକୁ ସମୀକ୍ଷା କଲେ ହାରଜିତକୁ ନେଇ ସମସ୍ତ ପ୍ରକାର ଆକଳନ ଏବଂ ଗଣିତ ଫେଲ୍ ମାରିବା ସମ୍ଭାବନା ରହିଛି । ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟିକା ପ୍ରାର୍ଥୀ ଦୀପାଳି ଦାସ ଏଥର ପ୍ରତିପକ୍ଷ ବିଜେପିର ଟଙ୍କଧର ତ୍ରିପାଠୀଙ୍କ ଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିବା ଦେଖାଯାଇଛି । ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳଙ୍କ ପ୍ରଦର୍ଶନ ଉପରେ ଏ ଦୁହିଁଙ୍କ ହାରଜିତର ବ୍ୟବଧାନ ନିର୍ଭର କରିବ ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ବିଜେଡି ଓ ବିଜେପିର ଟକ୍କର ମଧ୍ୟରେ କଂଗ୍ରେସର ଭୋଟ ବ୍ୟାଙ୍କ କେତେ ପ୍ରଭାବିତ ହୋଇଛି ଏବଂ କଂଗ୍ରେସ ପ୍ରାର୍ଥୀ ଆଶାନୁରୂପ ପ୍ରଦର୍ଶନ କରୁଛନ୍ତି ନା ପ୍ରାର୍ଥୀ ଆଶାନୁରୂପ ପ୍ରଦର୍ଶନ କରୁଛନ୍ତି ନା ନାହିଁ ତାହାକୁ ନେଇ ମଧ ସନ୍ଦେହ ରହିଛି । ମତଦାନ ହାର ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ରେକର୍ଡ ସୃଷ୍ଟି କରିଛି । ସର୍ବାଧିକ ୮୨.୭୫ ପ୍ରତିଶତ ମତଦାନ ହେବା ଅନେକ କିଛି ସୂଚାଉଛି । ପ୍ରଚଣ୍ଡ ତାତିରେ ଭୋଟର ଏତେ ସଂଖ୍ୟାରେ ଆସି ମତଦାନ କରିବା ପଛର କାରଣ ଅନୁଧ୍ୟାନ କରାଯିବାରୁ ଅନେକ ବୁଥରେ ଭୋଟରଙ୍କ ପାଇଁ ଉତ୍ତମ ଛାଇ ବ୍ୟବସ୍ଥା ସାଙ୍ଗକୁ ପାନୀୟ ଜଳ, ଥଣ୍ଡା ପାନୀୟର ସୁବିଧା, ଭିନ୍ନକ୍ଷମ ଓ ଅସୁସ୍ଥ ଭୋଟରଙ୍କୁ ଭଲଣ୍ଟିଅରଙ୍କ ସହାୟତାରେ ନେବା ଆଣିବା ପାଇଁ ଯାନବାହାନର ବ୍ୟବସ୍ଥା ଆଦିକୁ ଅନେକେ ପ୍ରମୁଖ କାରଣ ବୋଲି କହୁଛନ୍ତି । ମାତ୍ର ରାଜନୈତିକ ଦୃଷ୍ଟିରୁ ଏହା ପଛର କାରଣକୁ ବିଚାର କଲେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ଏବଂ ସମର୍ଥକମାନେ ଗାଁ ଗାଁରେ ଯାନବାହାନ ନିୟୋଜିତ କରି ଭୋଟରମାନଙ୍କୁ ବୁଥକୁ ଆଣିବା ଏବଂ ଛାଡ଼ିବା କରିବାରେ ଭୋଟରମାନେ ଅଧିକରୁ ଅଧିକ ସଂଖ୍ୟାରେ ବୁଥକୁ ଆସି ମତଦାନ କରି ପାରିଥିଲେ ।

କେତେକ ରାଜନୈତିକ ଦଳର ନେତାଙ୍କ ମତ ଏଥର ଆଣ୍ଟି ଇନକମବେନ୍ସି ଫ୍ୟାକ୍ଟର କାରଣରୁ ଲୋକେ ମତଦାନ ପ୍ରତି ଅଧିକ ଆଗ୍ରହ ଦେଖାଇବା ସହ ନିର୍ବାଚନ ସମୟରେ ଦେଖା ଦେଇଥିବା ହିଂସାର ଜବାବ ଦେବାକୁ ଯାଇ ବଡ଼ ସଂଖ୍ୟାରେ ମତଦାନ କରିଥିଲେ । ପ୍ରତିପକ୍ଷ ରାଜନୈତିକ ଦଳର ଆକ୍ରମଣାତ୍ମକ ପ୍ରଚାର ଏବଂ ଶାସକ ଦଳକୁ ଟାର୍ଗେଟ ଯୋଗୁଁ ବ୍ୟବସ୍ଥା ବିରୋଧରେ ମତଦାନ କରିବାକୁ ଭୋଟରମାନେ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ବିରୋଧୀ ପକ୍ଷଙ୍କ ମତ । ଶାସକ ବିଜେଡି ଶିବିରରେ କିନ୍ତୁ ଭିନ୍ନ ଚର୍ଚ୍ଚା ଜୋର ଧରିଛି । ବିଜେଡି ପ୍ରାର୍ଥୀଙ୍କ ଘରେ ଆୟକର ଚଢ଼ଉ ପ୍ରତିପକ୍ଷଙ୍କ ପାଇଁ ବୁମେରାଂ ହେଲା । ସାଧାରଣ ଲୋକେ ଏଥିରେ ପ୍ରତିକ୍ରିୟାଶୀଳ ହୋଇ ବିଜେଡି ସପକ୍ଷରେ ମତ ଦେବାକୁ ଆଗେଇ ଆସିଲେ ବୋଲି ଅନେକଙ୍କ ମତ । ହେଲେ ଏଭଳି ପରସ୍ପର ବିରୋଧୀ ମତ ଭିତରେ ନିର୍ବାଚନ ଫଳ କାହା ସପକ୍ଷରେ ଯାଉଛି ତାହା ଆସନ୍ତା ଜୁନ ୪ ତାରିଖରେ ହିଁ ଜଣା ପଡ଼ିବ ।

## ୩ ମାସରେ ପୂର୍ବାବସ୍ଥା ଫେରାଇ ଆଣିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା: ବୃନ୍ଦାମାଳ ନିକଟସ୍ଥ ପୋଖରୀକୁ କାରଖାନାରୁ ନିର୍ଗତ ପାଉଁଶରେ ପୋତି ଦେବା ମାମଲାର ବିଚାର କରି ୩ମାସ ମଧ୍ୟରେ ପୋତା ଯାଇଥିବା ପୋଖରୀକୁ ଖନନ କରିବା ସହ ପୂର୍ବାବସ୍ଥା ଫେରାଇ ଆଣିବାକୁ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ବେଦାନ୍ତ କାରଖାନା ପଛପାର୍ଶ୍ୱ ପାଚେରୀ ନିକଟବର୍ତ୍ତୀ ଅଞ୍ଚଳରେ ୪ଟି ବଡ଼ ପୋଖରୀ ରହିଥିଲା । ଏହି ଜଳାଶୟକୁ ସ୍ଥାନୀୟ ଲୋକେ ଶୌଚ ସମେତ ବିଭିନ୍ନ କାର୍ଯ୍ୟରେ ବ୍ୟବହାର' କରୁଥିଲେ । ୨୦୨୧ରେ ବେଦାନ୍ତ କମ୍ପାନୀର ୨ଟି କାରଖାନାରୁ ନିର୍ଗତ ପାଉଁଶରେ ଗୋଟିଏ ପୋଖରୀକୁ ପୋତି ଦିଆଯାଇଥିଲା । ଉକ୍ତ ସ୍ଥାନରେ ଏକ ଖେଳ ପଡିଆ ନିର୍ମାଣ ପାଇଁ କାରଖାନା କର୍ତ୍ତୃପକ୍ଷ କହିଥିଲେ । ମାତ୍ର ଜଳାଶୟକୁ ବେଆଇନ ଭାବେ ପୋତାଯିବାକୁ ବିରୋଧ କରି ଗ୍ରାମ ପୂଜା କମିଟି ପକ୍ଷରୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ କରାଯାଇଥିଲା । ପ୍ରାଧିକରଣ ଏହି ମାମଲାର ବିଚାରକରି ୩ମାସ ମଧ୍ୟରେ ପୋତା ଯାଇଥିବା ପୋଖରୀକୁ ଖନନ କରିବା ସହ ପୂର୍ବାବସ୍ଥା ଫେରାଇ ଆଣିବାକୁ ଝାରସୁଗୁଡା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ପରିବେଶଜନିତ କ୍ଷତିଭରଣା ପାଇଁ କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରାଳୟ ପଦକ୍ଷେପ ନେବାକୁ ଏନ୍‌ଟି ନିର୍ଦ୍ଦେଶ ଦେଇଛି ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରରେ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ






ସମ୍ବଲପୁର: ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଇନଡୋର ଷ୍ଟାଡିୟମ ଠାରେ ତିନି ଦିନିଆ ସିନିଅର ଷ୍ଟେଟ ର୍ୟାଙ୍କି ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ । ଶ୍ରୀ ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ରଙ୍କ ସମେତ ଭିମସାର ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ବେଣୁଧର ପାଣ୍ଡେ, ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏସନର ସମ୍ପାଦକ ନୀଲିନ କୁମାର, ବରଗଡ଼ ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ସମ୍ପାଦକ ଶିବମ ଅଗ୍ରୱାଲ, ଝାରସୁଗୁଡା ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ସମ୍ପାଦକ ଶୁଭମ ଶର୍ମା, ବରିଷ୍ଠ ବ୍ୟାଡ଼ମିଣ୍ଟନ ଖେଳାଳି ଦେବଦତ୍ତ ମିଶ୍ର ଉଦବୋଧନ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହାଛଡା ବରିଷ୍ଠ ବ୍ୟାଡ଼ମିଣ୍ଟନ ଖେଳାଳି ସଲିମ ନିଜାମ ଖାଁ, ସମ୍ବଲପୁର ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ଉପସଭାପତି ପ୍ରବୀଣ ବେହେରା, ଅଭିଷେକ ବିଶ୍ୱାସ, ରଞ୍ଜିତ ମେହେର, ମୁଖ୍ୟ ରେଫରି ପ୍ରମୁଖ ମଞ୍ଚାସୀନ ଥିଲେ । ଟୁର୍ଣ୍ଣାମେଣ୍ଟର ପରିଚାଳନା ସମ୍ପାଦକ ଲକ୍ଷପତି ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗିଲ୍ସ, ମହିଳା ସିଙ୍ଗିଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଓ ମିକ୍ସଡ ଡବଲ୍ସ ପ୍ରତିଯୋଗିତାରେ ୩୦ଟି ଜିଲ୍ଲାର ୧୭୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଏହା ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ୧୬ ରାଉଣ୍ଡରେ ଖୋର୍ଦ୍ଧାର କଳଗା ଜଗଦିଶ ସୁନ୍ଦରଗଡ଼ର ଅଙ୍କିତ ସାହୁଙ୍କୁ ୨୧-୧୫ ଓ ୨୧-୧୧ ପଏଣ୍ଟ ରେ ପରାସ୍ତ କରିଛନ୍ତି । ସେହିପରି ଖୋର୍ଦ୍ଧାର ଡି. ମଣିକାନ୍ତଙ୍କୁ ୨୧-୯ ଓ ୨୧-୧୪ରେ ହରାଇଛନ୍ତି । ଖୋର୍ଦ୍ଧାର ସାରସ ମାଥୁର କଳାହାଣ୍ଡିର ଦେବଦତ୍ତ ବଣୁଆଙ୍କୁ ୨୧-୧୫ ଓ ୨୧-୧୪ ରେ ପରାସ୍ତ କରିଛନ୍ତି ।

ପୁରୁଷ ଡବଲ୍ସରେ ଅନୁଗୁଳର ଅବିନାଶ ମହାନ୍ତି ଓ ମୟୁରଭଞ୍ଜର ଆୟୁଷ ପଟ୍ଟନାୟକ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ସେହିପରି ମୟୁରଭଞ୍ଜର ସାଇକେଶବ ମୋଦୀ ଏବଂ ସୁନ୍ଦରଗଡ଼ର ଶୁଭମ ଦାଶ ତଥା ରାୟଗଡ଼ାର ମଣିକାନ୍ତ ଏବଂ ବରଗଡ଼ର କ୍ରିଷ୍ଣା ସାଓଡିଆଙ୍କ ମଧରେ ହୋଇଥିବା ଖେଳରେ ୨୧-୧୯ ଓ ୧୩-୧୯ ଓ ୨୧-୧୮ ପଏଣ୍ଟ ରେ ହରାଇଛନ୍ତି । ଖୋର୍ଦ୍ଧାର ଖେଳରେ ୨୧-୧୨ ଓ ୨୧-୧୫ ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ପହଞ୍ଚିଛନ୍ତି । ସେହିପରି ଭୁବନେଶ୍ୱରର ଅନିର୍ବାଣ ମଣ୍ଡଳ ଓ ଖୋର୍ଦ୍ଧାର ପାରେସ୍ ମାଥୁର, ଗଞ୍ଜାମର ବି. ସରୋଜ ଦୋରା ଓ ଗଜପତିର ସମୀର ଘଣ୍ଟଙ୍କୁ ୨୫-୨୩ ଓ ୨୧-୧୧ ପଏଣ୍ଟରେ ହରାଇଛନ୍ତି । ଏହାଛଡ଼ା ମହିଳା ଡବଲ୍ସରେ




ପ୍ରତୀକ ବେହେରା ଭଦ୍ରକର ଅଂଶୁମାନ ମହାଲିକଙ୍କୁ ୧୧-୨୧ ଓ ୨୧-୮ ରେ ପରାସ୍ତ କରିଛନ୍ତି । ଅନୁଗୁଳର ଆୟୁଷ ଦାଶ, ଖୋର୍ଦ୍ଧାର ସ୍ୱାଧୀନ ଗୌଡ଼ଙ୍କୁ ୨୧-୧୧ ଓ ୨୧-୧୧ ପଏଣ୍ଟ ରେ ପରାଜିତ କରିଛନ୍ତି । ସୁନ୍ଦରଗଡ଼ର ଶ୍ରେୟାଂଶ ପରିଡା ବରଗଡ଼ର କ୍ରିଷ୍ଣା ସାଓଡିଆଙ୍କୁ ୨୧-୯ ଓ ୨୧-୬ ପଏଣ୍ଟରେ ହରାଇଛନ୍ତି । ସମ୍ବଲପୁରର ତହସିପ୍ ଖାନ୍ ସୁନ୍ଦରଗଡ଼ର ଭବିଷ୍ୟ କୁମାର ସିଂଙ୍କୁ ୨୧-୧୦ ଓ ୨୧-୧୨ରେ ପରାଜିତ କରିଥିବା ବେଳେ ବାଲେଶ୍ୱରର ଆର୍ଯ୍ୟ ମାଝୀ ରାୟଗଡ଼ାର ଖୋର୍ଦ୍ଧାର ମହମ୍ମଦ ଫାଜଲ କରିମ ଓ ସ୍ୱରୁପ ସାର୍ଥକ ରାୟଙ୍କୁ ୨୧-୧୩ ଓ ୨୧-୯ ରେ ହରାଇଛନ୍ତି । ସେହିପରି କେନ୍ଦୁଝରର ପ୍ରଦେଶ କୁମାର ନାଏକ ଓ କୋରାପୁଟର ସ୍ମୃତି ରଞ୍ଜନ ଥମ୍ବ ସୁନ୍ଦରଗଡ଼ର ଅଭୟ କୁମାର ମହାରଣା ଓ ଭବିଷ୍ୟ କୁମାର ସିଂଙ୍କୁ ୨୧-୧୧ ଓ ୨୧-୯ ପଏଣ୍ଟରେ ପରାଜିତ କରିଛନ୍ତି । ଖୋର୍ଦ୍ଧାର ଅଭିଜିତ ମହାରଣା ଓ ଡି.ବି. ଏସ୍ ଚନ୍ଦ୍ର କୁମାର ଝାରସୁଗୁଡ଼ାର କରଣ ସିଂ ଠାକୁର ଓ ବଲାଙ୍ଗୀରର ମାନଭଞ୍ଜନ ନାୟକଙ୍କୁ ୨୧-୧୬ ଓ ୨୧-୧୯ ପଏଣ୍ଟରେ ପରାଜିତ କରି ପରବର୍ତ୍ତୀ କନ୍ନୁରି ମୁରଲି କ୍ରିଷ୍ଣା, ସ୍ୱାଧୀନ ଗୌଡ଼ ସମ୍ବଲପୁରର ଲକ୍ଷ୍ମଣ କ୍ରିଷ୍ଣା ଓ ସୁବର୍ଣ୍ଣପୁରର ସରୋଜ ଭୋଇଙ୍କୁ ୨୧-୧୪ ଓ ୨୧-୧୧ ପଏଣ୍ଟରେ ହରାଇଛନ୍ତି । ଅନୁଗୁଳର ଅମ୍ଳାନ କେଶରୀ ଗଡ଼ନାୟକ ଓ ଅନୀର୍ବାଣ ସାମନ୍ତ, ଖୋର୍ଦ୍ଧାର ନଇମୁଦ୍ଦିନ ଖାନ ଓ ସୁନ୍ଦରଗଡ଼ର ସୌମେନ ଶେଖରଙ୍କୁ ୨୧-୧୩, ୨୧-୧୨ ରେ ହରାଇଛନ୍ତି । ସେହିପରି ବାଲେଶ୍ୱରର ଅଭୟ କୁମାର ନାୟକ ଏବଂ କୋରାପୁଟର ସିଦ୍ଧାର୍ଥ ନାୟକ, ଗଞ୍ଜାମର ଗୌରବଜିତ, ଖୋର୍ଦ୍ଧାର ପ୍ରଦୀପ କୁମାର ବେହେରାଙ୍କ ମଧରେ ହୋଇଥିବା ଯାଜପୁରର ପ୍ରଗତି ପରିଡା, ସୁନ୍ଦରଗଡ଼ର ବିଶାଖା ଟପ୍ପୋ, ସମ୍ବଲପୁରର ପୂର୍ବା ପ୍ରତ୍ୟାଶା ଏବଂ ଶ୍ରେୟା ବିଶ୍ୱାଳଙ୍କ ମଧରେ ହୋଇଥିବା ଖେଳରେ ୨୧-୧୧ ଓ ୨୧-୩ରେ ହରାଇଛନ୍ତି । ସେହିପରି ମିକ୍ସ ଡବଲ ଗ୍ରୁପର ୧୬ତମ ରାଉଣ୍ଡରେ ମୟୁରଭଞ୍ଜର ଆୟୁଷ ପଟ୍ଟନାୟକ ଏବଂ ଯାଜପୁରର ପ୍ରଗତି ପରିଡା, କୋରାପୁଟର ସିଦ୍ଧାର୍ଥ ନାୟକ ଓ ଖୋର୍ଦ୍ଧାର ଇପ୍‌ସିତା ମହାନ୍ତିଙ୍କ ମଧରେ ହୋଇଥିବା ଖେଳରେ ୨୧-୧୩ ଏବଂ ୨୧-୧୧, ୨୧-୧୨ ପଏଣ୍ଟ ପାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

# ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ମ୍ୟାଟ୍ରିକ୍ ଟପ୍ପର ଲକ୍ଷ୍ମୀପ୍ରିୟା ସମ୍ବର୍ଦ୍ଧିତ

ସମ୍ବଲପୁର : ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ୫୪୭ ମାର୍କ (୯୧.୧୬%) ରଖି 'ଏ-୧' ଗ୍ରେଡ୍ ପାଇ ଅନୁଷ୍ଠାନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜିଲ୍ଲାରେ ସାମଗ୍ରିକ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି । ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦୀର୍ଘ ୧୫ ବର୍ଷ ପରେ ବିଦ୍ୟାଳୟର ଜଣେ ଛାତ୍ରୀ ଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ବିଦ୍ୟାଳୟ ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅଭିଭାବକ ମହଲରେ ଖୁସି ପ୍ରକାଶ ପାଇଛି ।

ଲକ୍ଷ୍ମୀପ୍ରିୟା ୯୧.୧୮ ଶତକଡ଼ା ମାର୍କ ରଖି ଆଗାମୀ ପିଢ଼ି ପାଇଁ ଏକ ଉଦାହରଣ ପାଲଟିଛନ୍ତି । ତାଙ୍କ ପିତା କେଦାର ରାଉତ ଏକ ଗ୍ୟାରେଜର ଜଣେ ସାଧାରଣ ମୋଟର ମେକାନିକ ହୋଇଥିବା ବେଳେ ମାତା ସଙ୍ଗୀତା ରାଉତ ଜଣେ ଗୃହୀଣୀ । ଏକ ନିମ୍ନ ମଧବତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମୀପ୍ରିୟା ତାଙ୍କ ଜୀବନରେ ଅନେକ



ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ତଥାପି ପରିବାରର ଏପରି ପ୍ରତିକୂଳ ପରିସ୍ଥିତି ମଧ ସେ ହାର ମାନିନାହାନ୍ତି । ନିଜ ଜୀବନର ଲକ୍ଷ୍ୟକୁ ହାସଲ କରିବାର ଦୃଢ଼ ମନୋବଳ ହେତୁ ଆଜି ସେ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି । ନିଜ ଅନୁଭୂତିକୁ ବଖାଣି କହିଛନ୍ତି ଯେ, ଜୀବନରେ ନିଜର ଲକ୍ଷ୍ୟ ପଥରେ ପହଞ୍ଚିବାକୁ ହେଲେ ୨ ଟି ଜିନିଷ ସବୁବେଳେ ଗୁରୁତ୍ୱ ଦେବା ଉଚିତ୍ । କଠିନ ପରିଶ୍ରମ ଏକାଗ୍ରତା ସଫଳ ଆଣିଥାଏ ବୋଲି କହିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଟାକ୍ସ ଫୋର୍ସ ଗଠନ କରାଯାଇଛି । ଏହା ମାଧମରେ ବିଭିନ୍ନ ଅଭିନବ ପଦକ୍ଷେପ ନିଆଯାଉଛି । ଯାହାକି ତାଙ୍କୁ ଏହି ସଫଳତା ଆଡ଼କୁ ଆଗେଇ ନେଇଥିଲା ।

ମୁଦିପଡ଼ାର ସମଲେଶ୍ୱରୀ କଲୋନିରେ ରହୁଥିବା ଲକ୍ଷ୍ମୀପ୍ରିୟାଙ୍କ ସଫଳତା ବର୍ତ୍ତମାନ ସମ୍ବଲପୁରରେ ଚର୍ଚ୍ଚାର ବିଷୟ ପାଲଟିଛି । ଝାଡୁଆପଡ଼ା ସ୍ଥିତ ବିଶ୍ୱାତ୍ମ ବିଦ୍ୟାମନ୍ଦିରରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ଲକ୍ଷ୍ମୀପ୍ରିୟା କହନ୍ତି, ପ୍ରାଥମିକ ସ୍କୁଲରୁ ଲଗାତାର ପାଠ ପଢ଼ା ଠାରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି । ଏଥିପାଇଁ ତାଙ୍କ ପରିବାର ଏବଂ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଭଲ ପଢୁଥିବା ଜାଣି ଲେଡିଲୁଇସ୍ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନିତା ପୁରୋହିତ ମ୍ୟାଟ୍ରିକ କ୍ଲାସ ଆରମ୍ଭରୁ ହିଁ ସବୁ ବହି ଯୋଗାଇ ଦେଇଥିଲେ । ସ୍କୁଲ ପଢ଼ା ସହିତ ଟ୍ୟୁସନ ପାଠର ଆବଶ୍ୟକତା ଥିବା ଅନୁଭବ କରି ଆଉ ଜଣେ ଶିକ୍ଷୟିତ୍ରୀ ସୁନୀତି ଦାସ ଏକ ବର୍ଷ ପର୍ଯ୍ୟନ୍ତ ନିୟମିତ ତାଙ୍କ ଟ୍ୟୁସନ ଫି 'ଦେଉଥିବା କହିଛନ୍ତି । ଆଉ ଜଣେ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ତାଙ୍କୁ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରୁଥିଲେ । ଦଶମ ଶ୍ରେଣୀରେ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ । ଭବିଷ୍ୟତରେ ଆଇଏଏସ୍ ହେବା ପାଇଁ ଲକ୍ଷ୍ୟ ରଖିଥିବା ସେ କହନ୍ତି ।

ଅଭାବ ଅସୁବିଧା ତଥା ଦାରିଦ୍ର୍ୟ କେବେ ବି ଲକ୍ଷ୍ୟ ହାସଲ କରିବାରେ ବାଧା ସୃଷ୍ଟି କରି ନ ଥାଏ । ଦୃଢ଼ ଇଚ୍ଛାଶକ୍ତି ବଳରେ ଆମେ ନିଶ୍ଚିତ ଭାବରେ ସଫଳତାର ବାଦକୁ ଚାଖି ପାରିବା ବୋଲି ସେ ପରବର୍ତ୍ତୀ ପିଢ଼ିକୁ ପରାମର୍ଶ ଦେଇଛନ୍ତି । ଶେଷରେ ସେ ନିଜର ଏହି ସଫଳତାର ଶ୍ରେୟ ନିଜର ପିତା, ମାତା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଗୁରୁଜନଙ୍କୁ ଦେଇଛନ୍ତି ।

# ଶିକ୍ଷାଦାନକୁ ପେସା କରିବେ ଜିଲ୍ଲା ଟପ୍ପର୍ ସୁମା ଖାତୁନ

ସମ୍ବଲପୁର : ସମାଜ ପରିବର୍ତ୍ତନରେ ଗୁରୁଙ୍କ ଅବଦାନ ରହିଥାଏ । ସମାଜରେ ଶିକ୍ଷକ, ଅଧାପକ ତଥା ଶିକ୍ଷାଦାନ କରୁଥିବା ସମସ୍ତଙ୍କୁ ଅଧିକ ସମ୍ମାନ ମିଳେ । ଯାହାକି ଅନ୍ୟ ଠାରୁ ଅତି ନିଆରା ଅନୁଭୁତି ମିଳିଥାଏ । ଏହା ସହ ଅନ୍ୟକୁ ଶିକ୍ଷା ଦେବାରେ ଆନନ୍ଦ ମିଳେ ତେଣୁ ଜୀବନର ଲକ୍ଷ୍ୟ ଶିକ୍ଷାଦାନ କରିବେ ବୋଲି ପରୀକ୍ଷାରେ ଜିଲ୍ଲା ଟପ୍ପର ହୋଇଥିବା ବାଲିବନ୍ଧା ବାଳିକା ବିଦ୍ୟାଳୟ ଛାତ୍ରୀ ସୁମା ଖାତୁନ କହିଛନ୍ତି । ସୁମା ଆହୁରି କହିଛନ୍ତି ଯେ, ଉଚ୍ଚ ଶିକ୍ଷା ପରେ ବିଇଡି କରିବେ ଓ ଜୀବନରେ ଜଣେ ଭଲ ଶିକ୍ଷକ ହେବାର ଲକ୍ଷ୍ୟ ରହିଛି । ଦିନକୁ ସ୍କୁଲ ଓ ଟିଉସନ କରିବା ପରେ ଘରେ ୪ ରୁ ୫ ଘଣ୍ଟା ଚାପ ମୁକ୍ତ ଭାବେ ପଢୁଥିଲେ । ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଥିଲା । ହେଲେ



ଜିଲ୍ଲାରେ ପ୍ରଥମ ସ୍ଥାନ ରହିବ ଭାବି ନଥିଲେ । କଠିନ ପରିଶ୍ରମ ସମସ୍ତଙ୍କ ସହଯୋଗ ପାଇଁ ସଫଳତା ମିଳିଛି । ବାପା ମରଜୁନ ହଗ ରାଜମିସ୍ତ୍ରୀ ଭାବେ କାମ କରନ୍ତି । ମାଆ ଗୃହିଣୀ । ହେଲେ ମଧ ପାଠ ପଢ଼ିବା ପାଇଁ ସବୁ ବେଳେ ପ୍ରେରଣା ଓ ଉତ୍ସାହିତ କରିଥିଲେ । ବାପା ମାଆ ସହିତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଓ ଟିଉସନ ସାରଙ୍କୁ ଏହି ସଫଳତାର ଶ୍ରେୟ ଯିବ । ମୁଁ କେବଳ ଏତିକି କହୁଛି ଚାପ ନେଇ ଅଧିକ ସମୟ ପଢ଼ିବା ଅପେକ୍ଷା ମନ ଦେଇ କମ ସମୟ ମଧ ପଢ଼ିଲେ ନିଶ୍ଚିତ ଲାଭ ମିଳିଥାଏ । ସୁମା ଖାତୁନଙ୍କୁ ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଲ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ବାଲିବନ୍ଧା ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସିନୀ ବାଡ଼ା, ସୁମାଙ୍କ ବାପା ମିରାଜଲ ହକ୍ ଓ ମା' ଆୟୋଶା ବିବି ତଥା ଅନ୍ୟମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା ସ୍କୁଲରେ ଭୋଟ୍ ଗଣତି ପ୍ରଶିକ୍ଷଣ

ସମ୍ବଲପୁର : ଜିଲ୍ଲାରେ ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ ଭୋଟ୍‌ଗଣତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲରେ ଭୋଟ୍ ଗଣତିକୁ ନେଇ ଗଣନା ସୁପରଭାଇଜର, ଗଣନା ସହାୟକ ଓ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରି ସନ୍ଦେହମୋଚନ କରିଥିଲେ । ପୋଷ୍ଟାଲ ବାଲାଟ୍ ଗଣତି, ଇଭିଏମରେ ରେକର୍ଡ ହୋଇଥିବା ଭୋଟଗଣତି, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ଭୂମିକା, ଭିଭିପାଟ୍ ପେପର ସ୍ଲିପ୍ ଗଣତି, ଫଳାଫଳ ସଂକଳନ ଓ ଘୋଷଣା ଏବଂ ଗଣତି ପରେ ଇଭିଏମ, ଭିଭିପାଟ ସିଲ ଓ ଷ୍ଟୋରେଜ ଉପରେ ଆଲୋଚନା ହୋଇଥିଲା । କଣ୍ଟ୍ରୋଲ ୟୁନିଟ୍ କିପରି ପରିଚାଳିତ ହେବ ଏବଂ ଭୋଟ୍ ଗଣନା କରାଯିବ ସେନେଇ ପ୍ରଦର୍ଶନ କରାଯାଇଥିଲା । ୪୯୧ ଜଣ ତାଲିମ ନେଇଥିଲେ । ତାଲିମ କେନ୍ଦ୍ର ଦାୟିତ୍ୱରେ ରେଙ୍ଗାଲି ତହସିଲଦାର ସଦାକର କୁମ୍ଭାର ଥିବାବେଳେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra